## ସଂକ୍ଷେପରେ

### ପ୍ଲାଷ୍ଟିକ୍ ଖାଇ ବଳଦ ଗୁରୁତର

ଦାରିଙ୍ଗବାଡ଼ି,୨୨।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ଅଞ୍ଚଳରେ କୁଢ଼କୁଢ଼ ପ୍ଲାଷ୍ଟିକ, ଥର୍ମାକୋଲ ଥାଳି, ପଲିଥିନ ଏବେ ପ୍ରାଣୀସମ୍ପଦ ପାଇଁ ବିପଦ ସାଜିଛି। ଉକ୍ତ ବ୍ଲକ୍‌ର ବିଭିନ୍ନ ଗ୍ରାମରେ ବିଶେଷ କରି ଦାରିଙ୍ଗବାଡ଼ି ଠାରୁ ମାତ୍ର ୧୩ କି.ମି ଦୂର ଅନ୍ୟତମ ବଜାରରେ ଅଳିଆ ଗଦାରେ ପ୍ରାଣୀସମ୍ପଦଙ୍କ ଜୀବନ ଅଟକିଛି। ଖାଦ୍ୟ ଅନ୍ୱେଷଣରେ ଘରୁ ବାହାରିଥିବା ପ୍ରାଣୀସମ୍ପଦ ଏବେ ବଜାରରେ ପଡ଼ିଥିବା ପ୍ଲାଷ୍ଟିକରୁ ଖାଦ୍ୟ ଖାଇ ଗୁରୁତର ହେଉଛନ୍ତି। ସିମନବାଡ଼ି ବଜାର ବ୍ୟାଙ୍କ ସମ୍ମୁଖରେ ଏକ ଅଳିଆ ଆବର୍ଜନା ତଥା ପ୍ଲାଷ୍ଟିକ ଭର୍ତ୍ତି ସ୍ଥାନରେ ଅସହାୟ ଅବସ୍ଥାରେ ଏକ ବଳଦ ମରଣ ସହ ସଂଘର୍ଷ କରୁଥିଲା। ସେଠାକାର ପ୍ରତିଷ୍ଠିତ ବ୍ୟବସାୟୀ ବିଭୁତି ଭୂଷଣ ସାହୁ ଦେଖି ତୁରନ୍ତ ପ୍ରାଣୀ ଓ ମତ୍ସ ବିଭାଗର ଭ୍ରାମ୍ୟମାଣ ଚିକିତ୍ସା ଦଳକୁ ଫୋନ କରି ଜଣାଇଥିଲେ। ଖବର ପାଇ ଭ୍ରାମ୍ୟମାଣ ଦଳ ଉକ୍ତ ବ୍ଲକ୍ ତିଲୋରୀ ଅଞ୍ଚଳରେ ଟୀକାକରଣ କରୁଥିବା ବେଳେ ତାକୁ ଛାଡି ତୁରନ୍ତ ସେଠାରେ ପହଞ୍ଚି ଗୁରୁତର ବଳଦର ଚିକିତ୍ସା କରିଥିଲେ। ୧ ଘଣ୍ଟା ପରେ ବଳଦ ଟି ଉଠି ଚାଲି ପାରିଥିଲା। କିନ୍ତୁ ବଳଦ ମାଲିକ ଙ୍କ ଦେଖା ମିଳି ନାଥିଲା। ଏହି ଚିକିତ୍ସା ପାଇଁ ଚତୁର୍ଥ ଶ୍ରେଣୀ କର୍ମଚାରୀ ମନୋଜ ବେହେରା, ହେରଦ ପ୍ରଧାନ ଏବଂ ଗାଡ଼ି ଚାଳକ ରତ୍ନାକର ନାୟକ ପ୍ରମୁଖ ଏହି ଚିକିତ୍ସା କରି ସୁସ୍ଥ କରାଇଥିଲେ।

### ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି ଯନ୍ତ୍ରୀ

ଫିରିଙ୍ଗିଆ, ୨୨।୧(ବିମଳ ଦିଗାଳ)– ଦୀର୍ଘ ବର୍ଷ ଫିରିଙ୍ଗିଆ ବ୍ଲକରେ ରହି କାର୍ଯ୍ୟ କରିବା ପରେ ଆରଡବ୍ଲୁଏସ୍ଏସ୍ କନିଷ୍ଠ ଯନ୍ତ୍ରୀ ସାମ୍ବାରିଆ ବେହେରାଙ୍କୁ ଫୁଲବାଣୀ ବଦଳି କରାଯାଇଛି । ଇତି ମଧ୍ୟରେ ଦୁଇ ମାସ ବିତି ଯାଇଥିଲେ ମଧ୍ୟ ସେ ଫିରିଙ୍ଗିଆରେ ଆସି ଯୋଗ ଦେଇଥିବା ନୂଆ ଯନ୍ତ୍ରୀଙ୍କୁ ଦାୟିତ୍ୱ ହସ୍ତାନ୍ତର କରୁନାହାନ୍ତି। ଫଳରେ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏପରିକି ଅଫିସରେ ଅନେକ କାଗଜପତ୍ର ମିଳୁନାହିଁ । ଏ ସଂକ୍ରାନ୍ତରେ ଯନ୍ତ୍ରୀ ବେହେରାଙ୍କୁ ପଚାରିବାକୁ ତାଙ୍କ ଫୋନରେ ଯୋଗାଯୋଗ କରାଯାଇଥିଲେ ହେଁ ତାହା ବନ୍ଦ ରହିଥିଲା।

### ଅଚିହ୍ନା ବ୍ୟକ୍ତିଙ୍କୁ ନେଇ ସିମନବାଡ଼ିରେ ଆତଙ୍କ

ଦାରିଙ୍ଗବାଡ଼ି,୨୨।୧ (ଅରୁଣ ସାହୁ)

ଦାରିଙ୍ଗବାଡ଼ି ଥାନା ସିମନବାଡ଼ି ଏବେ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ଗ୍ରାମବାସୀ ଅସୁରକ୍ଷିତ ମଣୁଛନ୍ତି। ଅଞ୍ଚଳରେ ଚୋରାମଦ କାରବାର ବୃଦ୍ଧି ଯୋଗୁ ସିମନବାଡ଼ି ଅଞ୍ଚଳକୁ ବାହାର ଅଞ୍ଚଳର ଅସାମାଜିକ ଯୁବକମାନେ ଡେରା ପକାଇବା ମୁଖ୍ୟ କାରଣ ବୋଲି କୁହାଯାଉଛି। ସିମନବାଡ଼ିର ମୁଖ୍ୟ ବଜାର ଦେଇ ରାଇକିଆକୁ ସଂଯୋଗ କରୁଥିବା ରାସ୍ତାରେ ବେଧଡ଼କ ଚୋରାମଦ କାରବାର ଚାଲିଛି। ଏକାଧିକ ଦମ୍ପତି ପୋଲିସ ଓ ଅବକାରୀ ବିଭାଗକୁ ଖାତିର ନ କରି ନିଜ କାରବାର ଜାରି ରଖିଛନ୍ତି। ଗରିବ ଖଟିଖିଆଙ୍କ ପରିବାର ମଦ ଯୋଗୁ କ୍ଷତିଗ୍ରସ୍ତ ହେଉଛି। ମଦ କାରବାର ଯୋଗୁ ଅଚିହ୍ନା ଲୋକ ସିମନବାଡ଼ି ଅଞ୍ଚଳରେ ପଶି ବିଳମ୍ବିତ ରାତିରେ ଘରଘର ବୁଲି କିଛି ଜାଣିବାକୁ ଉଦ୍ୟମ କରୁଥିବା ଆଶଙ୍କା ପ୍ରକାଶ ପାଇଛି। ସିମନବାଡ଼ି ଅଞ୍ଚଳରେ ଗୁରୁବାର ବିଳମ୍ବିତ ରାତିରେ ୨ ଅଜଣା ଯୁବକ ଘରଘର ବୁଲି କିଛି ଦେଖୁଥିବା ଓ ସାହିସାହି ବୁଲିଥିବା ସିସି କ୍ୟାମେରାରେ କଏଦ ହୋଇଛି। ଏନେଇ ଅଞ୍ଚଳରେ ଭୟର ବାତାବରଣ ଦେଖାଯାଇଛି। ବିଳମ୍ବିତ ରାତିରେ ଏହି ଅଜଣା ଲୋକଙ୍କ ବୁଲିବାର କାରଣ ଏବେ ମଧ୍ୟ ଅସ୍ପଷ୍ଟ ରହିଛି। ପୋଲିସ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# ଛାତ୍ରଙ୍କୁ ଛାତ୍ରାବାସରୁ ବିଦା କଲେ ପ୍ରଧାନଶିକ୍ଷକ

## କାନ୍ଥ ଭାଙ୍ଗି ନିୟମିତ ନିଶା ସେବନ ପାଇଁ ବାହାରକୁ ଯାଉଥିଲେ ଛାତ୍ର: ପ୍ରଧାନ ଶିକ୍ଷକ

ଦାରିଙ୍ଗବାଡି,୨୨।୧ (ଅରୁଣ ସାହୁ)

■ ଅସୁରକ୍ଷିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

କନ୍ଧମାଳ ଜିଲା ଦାରିଙ୍ଗବାଡି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଗତ ୨ ଦିନ ହେଲା ବିଦ୍ୟାଳୟର ଗଜପତି କପିଳେନ୍ଦ୍ର ଦେବ ଛାତ୍ରାବାସରୁ ତଡି ଦିଆଯାଇଛି। ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଏହି ପଦକ୍ଷେପ ସମସ୍ତଙ୍କୁ ଚକିତ କରିଛି। ସମ୍ପୃକ୍ତ ଛାତ୍ର ଓ ତାଙ୍କର କେତେଜଣ ସାଙ୍ଗ ସାଥୀ ମିଶି ବିଦ୍ୟାଳୟର ପାଚେରି କାଟି ରାସ୍ତା ବାହାର କରି ଦାରିଙ୍ଗବାଡିର ବିଭିନ୍ନ ସ୍ଥାନକୁ ଯାଇ ନିଶାସକ୍ତ ଅବସ୍ଥାରେ ହଷ୍ଟେଲକୁ ଫେରିଥିଲେ। ତେବେ ଅନ୍ୟମାନେ ହଷ୍ଟେଲକୁ ଫେରିଥିଲେ ମଧ୍ୟ ଜଣେ ଛାତ୍ର ଏହି ଭଙ୍ଗା ପାଚେରିରେ ଆସି ନ ପାରି ପାଚେରି ବାହାରେ ଅଚେତ ଅବସ୍ଥାରେ ପଡିଥିଲେ। କୌଣସି ସୂତ୍ରରୁ ପ୍ରଧାନ ଶିକ୍ଷକ ଉମାଶଙ୍କର ସାମନ୍ତରାୟ ଖବର ପାଇ ସମ୍ପୃକ୍ତ ଛାତ୍ରଙ୍କୁ ବିଦ୍ୟାଳୟ ପରିସରକୁ ଆଣିଥିଲେ। ତ' ପରଦିନ ଛାତ୍ରଙ୍କ ମା'ବାପାମାଙ୍କୁ ସୂଚନା ଦେଇ ତାଙ୍କୁ ହଷ୍ଟେଲରୁ ବିଦା କରି ଦେଇଥିଲେ। ଛାତ୍ର ଜଣଙ୍କୁ ବିଦ୍ୟାଳୟକୁ ଆସି ପାଠ ପଢିବାକୁ ସୁଯୋଗ ପ୍ରଦାନ କରାଯାଇଥିଲେ ମଧ୍ୟ ତାଙ୍କୁ ହଷ୍ଟେଲରେ ରହିବାକୁ ଦିଆଯାଇନାହିଁ।

ଅନ୍ୟପକ୍ଷରେ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ହଷ୍ଟେଲରୁ ଛାତ୍ରମାନେ ବାହାରକୁ ଯିବା ବେଳେ ଦାୟିତ୍ୱରେ ଥିବା ସୁପରିଟେଣ୍ଡେଣ୍ଟ ଓ ବିଦ୍ୟାଳୟ କର୍ତ୍ତୃପକ୍ଷ କିପରି ଜାଣିପାରୁ ନ ଥିଲେ ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସେହିପରି ପାଚେରି ଭାଙ୍ଗିବା ପାଇଁ ଆବଶ୍ୟକ ଶାବଳ ଓ ଅନ୍ୟାନ୍ୟ ସାମଗ୍ରୀ ଛାତ୍ରମାନଙ୍କ ନିକଟରେ କିଏ ପହଞ୍ଚାଇଛି ଏବଂ ୩ଟି ହଷ୍ଟେଲ ରହିଛି ସେଥିରେ ୬ ଜଣ ସିସିଏଙ୍କୁ ନିୟୋଜିତ କରାଯାଇଛି। ସେମାନେ ନିଜ କର୍ତ୍ତବ୍ୟ ଠିକ୍ ରୂପେ ସମ୍ପାଦନ କରୁ ନ ଥିବା ଅଭିଯୋଗ ହେଉଛି। ଯଦି ସେମାନେନିଜ କର୍ତ୍ତପ୍ୟ ଠିକ୍ ଭାବେ କରୁଥାନ୍ତେ ସେମାନେ ଛାତ୍ରମାନଙ୍କୁ ଧରିପାରିଥାନ୍ତେ ବୋଲି ମତ ପ୍ରକାଶ ପାଉଛି। ଯେଉଁ ଛାତ୍ରଙ୍କୁ ହଷ୍ଟେଲରୁ ବିଦା କରାଯାଇଛି ତାଙ୍କ ପରିବାର ଅତି ଗରିବ। ତାଙ୍କର ଆହୁରି ୨ଜଣ ଭଉଣୀଭାଇ ଅଛନ୍ତି। ତାଙ୍କ ପୁଅର କିଛି ଭୁଲ ନାହିଁ ଅନ୍ୟ ସାଙ୍ଗସାଥୀ ତାଙ୍କୁ ଏଭଳି କରିଥିଲେ। ତେବେ ତାଙ୍କ ପୁଅଙ୍କୁ ହିଁ କାହିଁକି ଏତେବଡ଼ ଦଣ୍ଡ ମିଳିଲା ବୋଲି ଛାତ୍ରଙ୍କ ମାଆବାପା ପଚାରିଛନ୍ତି। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉମାଶଙ୍କର ସାମନ୍ତରାୟଙ୍କୁ ପଚାରିବାରୁ ସେ କହିଲେ, ଆମେ ସମ୍ପୃକ୍ତ ଛାତ୍ରଙ୍କୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛୁ। କାରଣ ମାଆ ବାପା ହିଁ ତାଙ୍କୁ ବୁଝାଇଶୁଝାଇ ପରିବର୍ତ୍ତନ କରିପାରିବେ। ଆମେ ମଧ୍ୟ ବୁଝାଇଛୁ, ସେ ପରିବର୍ତ୍ତନ ହେଲେ ଆମେ ପୁଣି ତାଙ୍କୁ ହଷ୍ଟେଲରେ ରଖିବୁ। ତାଙ୍କୁ ହଷ୍ଟେଲରେ ରଖିଥିଲେ ଅନ୍ୟ ଛାତ୍ରମାନେ ମଧ୍ୟ ପ୍ରଭାବିତ ହେବା ଆଶଙ୍କା ରହିଥିବାରୁ ଏପରି ଏକନିଷ୍ପତ୍ତି ନେବାକୁ ପଡିଲା ବୋଲି ପ୍ରଧାନଶିକ୍ଷକସରମନ୍ତୀୟରାୟ କହିଛନ୍ତି। ଘଟଣା ସମ୍ପର୍କରେ ସେ ଜିଲା ଅଧିକାରୀଙ୍କୁ ନ ଜଣାଇବା କାରଣ ସମ୍ପର୍କରେ କହିଛନ୍ତି, ସମ୍ପୃକ୍ତ ଛାତ୍ରଙ୍କ ଉପରେ ଆମେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନ ଥିବା ଯୋଗୁ ଏନେଇ କେବଳ ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କୁ ଅବଗତ କରାଯାଇଛି। ସୂଚନାଯୋଗ୍ୟ, ଏହି ବିଦ୍ୟାଳୟରେ ୩ଟି ହଷ୍ଟେଲ ରହିଛି। ପ୍ରାୟ ୨୭୪ ଛାତ୍ର ଏଠାରେ ରହି ଅଧ୍ୟୟନ କରୁଛନ୍ତି।

## ଦୁର୍ଘଟଣାରେ ମୁଜାଗଡ଼ ପୋଷ୍ଟମାଷ୍ଟରଙ୍କ ମୃତ୍ୟୁ

ଭଞ୍ଜନଗର,୨୨।୧(ବାବୁଲା ପ୍ରଧାନ):


ନାରାୟଣ ପାତ୍ର।

ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ମୁଜାଗଡ଼ ପୋଷ୍ଟମାଷ୍ଟର ନାରାୟଣ ପାତ୍ର (୫୫)ଙ୍କ ବୁଧବାର ରାତିରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ଦୁର୍ଘଟଣା କେଉଁ ପରିସ୍ଥିତିରେ ହୋଇଛି ତାହା ଜଣାପଡ଼ିନାହିଁ। ନାରାୟଣଙ୍କ ସୁନା ଚେନ ଓ ପର୍ସରେ ଥିବା ଟଙ୍କା ମିଳୁ ନ ଥିବାରୁ ତାଙ୍କ ମୃତ୍ୟୁକୁ ନେଇ ପରିବାର ଲୋକେ ଦ୍ୱନ୍ଦ୍ୱରେ ଅଛନ୍ତି। ଭଞ୍ଜନଗର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଭଞ୍ଜନଗର ହସ୍ପିଟାଲକୁ ପଠାଇଥିଲା। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ନିଜ ଗ୍ରାମ ବେଲଗୁଣ୍ଠା ଅଣାଯାଇ ଅନ୍ତିମ ସତ୍କାର କରାଯାଇଛି।

ବେଲଗୁଣ୍ଠା କୋଳିସାହିର ନାରାୟଣ ଭଞ୍ଜନଗର ମୁଖ୍ୟ ଡାକଘରେ ବହୁଦିନ ଧରି ଚାକିରି କରିଥିଲେ। ପ୍ରାୟ ଦେଢ଼ ବର୍ଷ ତଳେ ସେ ମୁଜାଗଡ ବଦଳି ହୋଇଥିଲେ। ବୁଧବାର ରାତି ପ୍ରାୟ ୮ଟାରେ କାମ ସରିବା ପରେ କାର୍ଯ୍ୟାଳୟରେ ତାଲା ପକାଇ ନାରାୟଣ ଭଞ୍ଜନଗର ଏଲଆଇସି କଲୋନୀସ୍ଥିତ ଘରକୁ ଫେରୁଥିଲେ। ମୁଜାଗଡ ଗ୍ରାମଠାରୁ ୧ କି.ମି. ଦୂରରେ ରାସ୍ତା ଉପରେ ନାରାୟଣ ଗାଡି ସହ ପଡ଼ିଥିବା ଦେଖି ଜଣେ ଆମ୍ବୁଲାନ୍ସ ଚାଳକ ତାଙ୍କୁ ଉଦ୍ଧାର କରି ଭଞ୍ଜନଗର ହସ୍ପିଟାଲକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲ ନିଆଯାଉଥିବା ବେଳେ ମୃତ୍ୟୁ ଘଟିଥିଲା। ନାରାୟଣ ଜଣେ ମେଳାପି ଏବଂ ଧର୍ମପରାୟଣ ବ୍ୟକ୍ତି ଥିଲେ। ତାଙ୍କର ବିୟୋଗରେ ଭଞ୍ଜନଗର ଅଞ୍ଚଳରେ ଶୋକ ପ୍ରକାଶ ପାଇଛି।

## ଋଷିକୁଲ୍ୟାରେ ଏସୀୟ ଜଳଚର ପକ୍ଷୀ ଗଣନା, ଦେଖାଗଲେ ୩୮ ପ୍ରଜାତିର ବିଦେଶୀ ପକ୍ଷୀ

ଗଞ୍ଜାମ,୨୨।୧(ଅନାଥ ତରାଇ):


ଉପସ୍ଥିତ ଅଧିକାରୀ ଓ କର୍ମଚାରୀ।

ଓଡ଼ିଶା ଜୈବ ବିବିଧତା ବୋର୍ଡ ପକ୍ଷରୁ ଗଞ୍ଜାମ ଜିଲାସ୍ଥିତ ଋଷିକୁଲ୍ୟା ମୁହାଣ ଅଞ୍ଚଳରେ 'ଏସୀୟ ଜଳଚର ପକ୍ଷୀ ଗଣନା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗଣନାରେ ପାଳିବନ୍ଧ, ଅଗସ୍ତି ନୂଆଗାଁ ଓ ରାମଗଡ଼ ଜୈବ ବିବିଧତା ପରିଚାଳନା ସମିତିର ସଦସ୍ୟାସଦସ୍ୟମାନେ ଅଂଶଗ୍ରହଣ କରିଥିଲେ। ଚଳିତ ବର୍ଷର ଏହି ଗଣନା ସମୟରେ ମୋଟ ୩୮ ପ୍ରଜାତିର ଜଳଚର ପକ୍ଷୀ ଚିହ୍ନଟ କରାଯାଇଛି। ସେଥିମଧ୍ୟରେ ବାର୍ ହେଡେଡ ଗୁଜ୍, କାସପିଆନ ଟରନ, ସ୍ୟାଣ୍ଡ ପ୍ଲୋଭର, ଉଡ୍ ସ୍ୟାଣ୍ଡ ପାଇପର ଅଛନ୍ତି। ବ୍ରହ୍ମପୁର ବନଖଣ୍ଡ ଏବଂ ଋଷିକୁଲ୍ୟା ସମୁଦ୍ର କଇଁଛ ସୁରକ୍ଷା ସମିତିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଓଡ଼ିଶା ଜୈବ ବିବିଧତା ବୋର୍ଡର ଗବେଷକ ଭବାନୀ ଶଙ୍କର ମହାପାତ୍ର ଓ ରାଜେଶ କୁମାର ବେହେରା ଯୋଗଦେଇ ପକ୍ଷୀ ଗଣନା ଓ ସଂରକ୍ଷଣ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ହୋଇଥିବା ସଭାରେ ବନପାଳ ଡି. ପ୍ରଶାନ୍ତ ରାଓ ଉପସ୍ଥିତ ରହି ଜୈବ ବିବିଧତା ରକ୍ଷା ଦିଗରେ ସମିତିର କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଋଷିକୁଲ୍ୟା କଇଁଛ ସୁରକ୍ଷା ସମିତିର ସଂପାଦକ ରବୀନ୍ଦ୍ର କୁମାର ସାହୁ ସମସ୍ତ ଅଂଶଗ୍ରହଣକାରୀ ଓ ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପକ୍ଷୀ ଗଣନା ଦ୍ୱାରା ଋଷିକୁଲ୍ୟା ମୁହାଣର ପରିବେଶ ଓ ସ୍ଥାନୀୟ ଜୈବ ବିବିଧତା ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିପାରିଛି।

### ଏସ୍‌ଡିପିଓଙ୍କୁ ବିଦାୟ ସମ୍ବର୍ଦ୍ଧନା

ଜି.ଉଦୟଗିରି,୨୨।୧(ଶିଶିର ପଟ୍ଟନାୟକ/ଚିନ୍ମୟ କୁମାର ସେଠୀ)

ଜି.ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶିଙ୍କ ସ୍ପେଶାଲ ବ୍ରାଞ୍ଚକୁ ବଦଳି ହୋଇଛି। ସ୍ଥାନୀୟ କାର୍ଯ୍ୟାଳୟ ଠାରେ ଗୁରୁବାର ତାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପୋଲିସ ଉପଖଣ୍ଡ ଅନ୍ତର୍ଗତ ୫ ଥାନା ତରଫରୁ ଏହି ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ସ୍ଥାନୀୟ ଆଇଆଇସି ବିଜୟ କୁମାର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଉକ୍ତ ସଭାରେ ଟିକାବାଲି ଆଇଆଇସି ପ୍ରଜ୍ଞାରିତାମ୍ବର କର, ଚକାପାଦ ଆଇଆଇସି ରବୀନ୍ଦ୍ର ହେମ୍ବ୍ରମ, ରାଇକିଆ ଆଇଆଇସି ଏ.ସର୍ଣ୍ଣଲତା ପାତ୍ର ଏବଂ ସାରଙ୍ଗଡ଼ ଆଇଆଇସି ସ୍ମିତା ଜେନା ଯୋଗ ଦେଇଥିଲେ। ବିଦାୟୀ ଏସ୍‌ଡିପିଓ ନିଜ ଅଭିଭାଷଣରେ ପୋଲିସ ଚାକିରି କାର୍ଯ୍ୟକାଳ ଭିତରେ ଲୋକଙ୍କ ସେବା ସହ ଯୋଡ଼ି ହୋଇ ଲୋକଙ୍କ ବିଶ୍ୱାସ ଜିତି ନିଷ୍ଠାପର ଭାବେ ନିଜ କାର୍ଯ୍ୟ କରିବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ।

### ଦୂତିମେଣ୍ଡିରେ ଖୋଲିଲା ଧାନମଣ୍ଡି

ଖଜୁରିପଡ଼ା, ୨୨।୧(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ୍ ଅନ୍ତର୍ଗତ ଦୂତିପଡ଼ା ଲ୍ୟାମ୍ପ ପକ୍ଷରୁ ଗୁରୁବାର ଦୂତିମେଣ୍ଡିରେ ଧାନମଣ୍ଡି ଖୋଲା ଯାଇଥିବା ବେଳେ ଟୋକନ ପାଇଥିବା ଚାଷୀମାନେ ଧାନ ବିକ୍ରି କରିଛନ୍ତି। ପ୍ରଥମ ଦିନରେ ଲ୍ୟାମ୍ପ ପକ୍ଷରୁ ଧାନ କିଣିବା ପାଇଁ ୧୦ ଜଣ କୃଷକଙ୍କୁ ଟୋକନ ପ୍ରଦାନ କରାଯାଇଥିଲା। ଧାନମଣ୍ଡି ଉଦ୍‌ଘାଟନରେ ମୁଖ୍ୟ ଅତିଥି ଭାବେ ସଭାପତି ଇନ୍ଦ୍ରଦ୍ୟୁମ୍ନ ମଲ୍ଲିକ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ପ୍ରକାଶ କୁମାର୍ ସେଠୀ, ରାଜସ୍ୱ ନୀରିକ୍ଷକ ମାନସ ରଞ୍ଜନ ସାହୁ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁକାନ୍ତ ପଟ୍ଟନାୟକ, ସମିତି ସଭ୍ୟା ଉଷାବତୀ ଗଣ୍ଡା, ମହେଶ୍ୱର ପ୍ରଧାନ ସମେତ ପରିଚାଳନା ନିର୍ଦ୍ଦେଶକ ପ୍ରଦୀପ ସେଠୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଚଳିତ ବର୍ଷ ଖରିଫରେ ଚାଷୀ ଧାନବିକ୍ରୀ କରିବା ପାଇଁ ନାମ ପଞ୍ଜୀକୃତ କରିଛନ୍ତି। ୩ ହଜାର କୁଇଣ୍ଟାଲ ଧାନକ୍ରୟ କରାଯିବ ଲକ୍ଷ୍ୟ ରଖାଯାଇଥିବା ପରିଚାଳନା ନିର୍ଦ୍ଦେଶକ ସୂଚନା ଦେଇଛନ୍ତି। ଧାନର ମାନ ଯାଞ୍ଚ କରିବା ପାଇଁ ଆର୍‌ଏମ୍‌ସି ତରଫରୁ ଯାଞ୍ଚ ଅଧିକାରିଣୀ ପ୍ରଜ୍ଞା ପରମିତା ବେହେରା ଉପସ୍ଥିତ ରହି ଧାନର ମାନ ଯାଞ୍ଚ କରିଛନ୍ତି।

## ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଯାପିତ




ଫୁଲବାଣୀ, ୨୨।୧(ରାକେଶ କୁମାର ରାଉତ)

କନ୍ଧମାଳ ଜିଲା ଟିକାବାଲି ଏଏମ୍‌ସିଏସ୍ ମହାବିଦ୍ୟାଳୟରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଏସି ମୋର୍ଚ୍ଚାର ରାଜ୍ୟ ଉପସଭାପତି ରାମବିଶ ଦିଗାଲ, ମୁଖ୍ୟବକ୍ତା ଭାବେ ଟିକାବାଲି ବ୍ଲକ୍ ଅଧ୍ୟକ୍ଷ ଦିଲୀପ କହଁର, ସମ୍ମାନିତ ଅତିଥି ଭାବେ ଏମ୍‌ପି ପ୍ରତିନିଧି ଜିତେନ୍ଦ୍ର ଡାକୁଆ ଯୋଗ ଦେଇଥିଲେ। ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥିଭାବେ ଟିକାବାଲି ବିଡ଼ିଓ ବିଷ୍ଣୁ ଗୋବିନ୍ଦ, ମୁଖ୍ୟ ବକ୍ତା ଅଧ୍ୟାପକ ବନମାଳୀ ବେହେରା, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ବିଷ୍ଣୁ ପ୍ରସାଦ ରଥ, ବିରୂପାକ୍ଷ ତ୍ରିପାଠୀ ଯୋଗଦେଇ କ୍ରୀଡା ଆମ ଜୀବନ ପାଇଁ କେତେ ଆବଶ୍ୟକ ବର୍ଣ୍ଣନା କରିଥିଲେ। କ୍ରୀଡା ସଂସଦର ଉପ ସଭାପତି ଅଧ୍ୟାପକ ନରେନ୍ଦ୍ର ଦିଗାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉପସଭାପତି ଅଧ୍ୟାପକ ଶଙ୍କର ପାଢ଼ୀ ଧନ୍ୟବାଦ ଦେଇଥିଲେ। ମୋଟ ୪୨ଟି ପ୍ରତିଯୋଗିତାରେ ପ୍ରତିଯୋଗି ମାନେ ଭାଗ ନେଇଥିଲେ। ଖେଳ ଶିକ୍ଷକ ଧାନଚାନ୍ଦ ନାୟକ, ପଞ୍ଚାନନ ପାଣିଗ୍ରାହୀ, ମନୋଜ ଭୋଳ, ରେଣୁବାଳା ପ୍ରଧାନ, ବାଳକୃଷ୍ଣ ଦୋରା, ଶିବ ପାଣିଗ୍ରାହୀ, ସୁଶାନ୍ତ ଭୋଳ ପ୍ରମୁଖ ପରିଚାଳନା କରିଥିଲେ। ସିନିୟର ବିଭାଗରେ ମଧୁସ୍ମିତା ନାୟକ, ସୌମ୍ୟା ସାଗରୀକା ନାୟକ, ଚିତ୍ତରଞ୍ଜନ ପ୍ରଧାନ, ଜୁନିୟର ବିଭାଗରେ ବର୍ଷା ପ୍ରଧାନ, ଲଳିତ କହଁର ଚମ୍ପିୟାନ ବିବେଚିତ ହୋଇଥିଲେ। ଅଧ୍ୟାପକ ରତନ ଦିଗାଲ କାର୍ଯ୍ୟକ୍ରମ ସଞ୍ଚାଳନା କରିଥିଲେ।

## ବନ୍ଦେ ମାତରମ୍ ସାମୂହିକ ଗାନ

ତୁମୁଡିବନ୍ଧ/ କ.ନୂଆଗାଁ,୨୨।୧(ଦୀପକ କୁମାର ପରାସେଠ/ କାଳୀ ପ୍ରାସାଦ ତ୍ରିପାଠୀ)

ତୁମୁଡିବନ୍ଧ ଜଳେଶପଟ୍ଟା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗୁରୁବାର ପୂର୍ବାହ୍ନରେ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ବ୍ଲକସ୍ତରୀୟ ସାମୂହିକ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ତୁମୁଡିବନ୍ଧ ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ମଙ୍ଗଳ ଚରଣ ଲେଙ୍କା ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ତୁମୁଡିବନ୍ଧ ବ୍ଲକ ଅଧ୍ୟକ୍ଷା ବାସନ୍ତି ମାଝି, ସମ୍ମାନିତ ଅତିଥି ଭାବେ ତୁମୁଡିବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବନ ବିହାରୀ ହରପାଲ, କନିଷ୍ଠ ଯନ୍ତ୍ରୀ ପ୍ରଣୟ କୁମାର ମିଶ୍ର, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିଳେନ୍ଦ୍ର ଦିଗାଲ, ବିଏଲସି ବାଦଲ କୁମାର ପ୍ରଧାନ, ଶିକ୍ଷକ ଅମିତାଭ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କୁ ନେଇ ବକ୍ତୃତା, ରଚନା, ସଙ୍ଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଅତିଥି ମାନେ କୃତ ଛାତ୍ରୀଛାତ୍ରମାନଙ୍କୁ ମାନପତ୍ର ଦେଇଥିଲେ। ସେହିପରି କ.ନୂଆଗାଁ ବ୍ଲକ୍ ପ୍ରଶାସନ ପକ୍ଷରୁ ଆଇସିଡିଏସ୍ କାର୍ଯ୍ୟାଳୟ ପରିସରରେ ସମୂହ ବନ୍ଦେ ମାତରଂ ଗାନ କରାଯାଇଛି। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକର୍ମ କରାଯାଇଥିଲା। ଏଥିରେ ଶିକ୍ଷୟିତ୍ରୀ ଶିକ୍ଷକ, ଅନ୍ୟ ବିଭାଗ କର୍ମଚାରୀ, କୁତୁଲି ଓ ନୂଆଗାଁ ହାଇସ୍କୁଲର ସମସ୍ତ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ତ୍ରିରଙ୍ଗା ପତାକା ଧରି ସହର ପରିକ୍ରମା କରିଥିଲେ। ଏହି ଉପଲକ୍ଷେ ହୋଇଥିବା ଏକ ସଭାରେ ବିଡ଼ିଓ ସୁଶ୍ରୀ ଶୁଭ୍ରାଞ୍ଜଳୀ ପ୍ରଧାନ, ବ୍ଲକ୍ ଅଧ୍ୟକ୍ଷା ସୁଲୋଚନା ଦଳବେହେରା, ଉପାଧ୍ୟକ୍ଷ ଧବଳେଶ୍ୱର ପାତ୍ର, ସହକାରୀ ନୀର୍ବାହିଯନ୍ତ୍ରୀ ଇଂ.ଶୋଭମ ମହାପାତ୍ର, ପ୍ରଧାନ ଶିକ୍ଷକ ମନୋଜ ରଥ, ବିଏଫଓ ଜ୍ୟୋତି ପ୍ରକାଶ ମିଶ୍ର ପ୍ରମୁଖ ଯୋଗଦେଇ ବନ୍ଦେ ମାତରଂ ସଂଗୀତର ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ବୁଝାଇଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବୁରୁମାଝୀ ପଡ୍ରା, ଜିପିଇଓ ସ୍ମୃତି ସାଗର ପ୍ରଧାନ, ପିଇଓ ଅନିଲ ପଟ୍ଟନାୟକ, ସିପି ରାକେଶ ସାହୁଙ୍କ ସମେତ ବ୍ଲକ୍‌ର ସମସ୍ତ ପଦାଧିକାରୀ ମାନେ ଯୋଗ ଦେଇଥିଲେ।

## ଏନ୍‌ଡିଆର୍‌ଏଫ ଟିମ୍‌ର ସଚେତନତା

କାଶୀନଗର,୨୨।୧(ପି. ମୁରଲୀ)

ଗଜପତି ଜିଲା କାଶୀନଗରସ୍ଥିତ ବାରାଣସୀ ସରକାରୀ ହାଇସ୍କୁଲ ପଡିଆରେ କଟକରୁ ଆସିଥିବା ଏନଡିଆର୍‌ଏଫ୍ ଟିମ୍ ପକ୍ଷରୁ ମକଡ୍ରିଲ ଜରିଆରେ ଜନସଚେତନତା ସୃଷ୍ଟି କରାଯାଇଛି। ଗ୍ୟାସ ଓ ରାସାୟନିକ ପଦାର୍ଥଜନିତ ଆକସ୍ମିକ ବିପର୍ଯ୍ୟୟ ବେଳେ ତାର ମୁକାବିଲା ପାଇଁ କିପରି ପଦକ୍ଷେପ ଗ୍ରହଣ କରାଯାଇପାରିବ ସେ ସମ୍ପର୍କରେ ଆସିଷ୍ଟାଣ୍ଟ କମାଣ୍ଡର ସୁଧାଂଶୁ ଶେଖର ଓ ଇନ୍ସପେକ୍ଟର ବିଧୁ ଭୂଷଣ ଶର୍ମା ଲୋକଙ୍କୁ ଅବଗତ କରାଇଥିଲେ। ସ୍ଥାନୀୟ ବ୍ଲକ ପ୍ରଶାସନ, ଅଗ୍ନିଶମ ବିଭାଗ, ଶିକ୍ଷା ବିଭାଗ, ସ୍ୱାସ୍ଥ୍ୟ ସେବା ବିଭାଗ ଓ ପୋଲିସ ସହାୟତାରେ ମକଡ୍ରିଲ ହୋଇଥିଲା। ବିଡିଓ ଉମ୍ବରୁଧର ମଲ୍ଲିକ, ଡିଇଓ ଜଗନ୍ନାଥ ପାଢ଼ୀ, ଭାରପ୍ରାପ୍ତ ଆଇଆଇସି ଆଲୋକ ଜଗଦଳ, କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ର, ଡାକ୍ତର ସଚ୍ଚିକାନ୍ତ ମହାପାତ୍ର, ଅତିରିକ୍ତ ତହସିଲଦାର କେ. ଦିବ୍ୟ ରଞ୍ଜନ, ସିଡିପିଓ କେ. କୋଟେଶ୍ୱରୀ ଉପସ୍ଥିତ ଥିଲେ।

## କାର୍ଯ୍ୟରେ ଯୋଗଦେଲେ ନୂଆ ସରକାରୀ ଓକିଲ

ପାରଳାଖେମୁଣ୍ଡି,୨୨।୧(ଗିରିଧାରୀ ପରିଚ୍ଛା)

ଗଜପତି ଜିଲାର ବିଭିନ୍ନ ନ୍ୟାୟାଳୟରେ ବହୁଦିନ ଧରି ଖାଲି ପଡିଥିବା ସରକାରୀ ଓକିଲଙ୍କ ପଦରେ ଆଇନ ବିଭାଗର ନିର୍ଦ୍ଦେଶରେ ନୂତନ ସରକାରୀ ଓକିଲଙ୍କ ନିଯୁକ୍ତି ହୋଇଛି। ପୂର୍ବତନ ସରକାରଙ୍କ ସମୟରେ ନିଯୁକ୍ତି ପାଇଥିବା ସରକାରୀ ଓକିଲଙ୍କ କାର୍ଯ୍ୟକାଳ ସରିବା ପରେ ବର୍ତ୍ତମାନର ଭାଜପା ସରକାର ନୂତନ ଭାବେ ପ୍ୟାନେଲଭିତ୍ତିକ ସରକାରୀ ଓକିଲମାନଙ୍କୁ ନିଯୁକ୍ତି କରାଯାଇଛି। ସେହିକ୍ରମରେ ଗଜପତି ଜିଲାର ବିଭିନ୍ନ ଅଦାଲତରେ ସରକାରଙ୍କ ପକ୍ଷରୁ ପକ୍ଷ ରଖିବା ଲାଗି ୧୯ଜଣ ଓକିଲଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି। ଖବର ଆସିବା ପରେ ସମସ୍ତ ନବ ନିଯୁକ୍ତ ସରକାରୀ ଓକିଲ ପୋକ୍ସୋ କୋର୍ଟର ସ୍ପେଶାଲ ପବ୍ଲିକ ପ୍ରସିକ୍ୟୁଟର ଭାବେ ନିଯୁକ୍ତି ପାଇଥିବା ଓକିଲ ସଂଘ ସମ୍ପାଦକ ଏମ. ପୃଥ୍ୱୀରାଜଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ଶ୍ରୀ ଜଗନ୍ନାଥ ମନ୍ଦିରକୁଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦ ଭିକ୍ଷା କରି ପରେ ନ୍ୟାୟାଳୟର ଭାରପ୍ରାପ୍ତ କ୍ୟାଡ଼ର ପବ୍ଲିକ ପ୍ରସିକ୍ୟୁଟର ରାଜେଶ ମିଶ୍ରଙ୍କ ଉପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ମୁନିନ୍ଦ୍ର ହୋନାଗାଙ୍କୁ ନିଜ ନିଯୁକ୍ତିପତ୍ର ଦେଇ କାର୍ଯ୍ୟରେ ଯୋଗ ଦେଇଥିଲେ। ପରେ ଜିଲା ଅଭିଯୋଜନ କାର୍ଯ୍ୟାଳୟରେ ଉପନିର୍ଦ୍ଦେଶକ ଅଜିତ ପଟ୍ଟନାୟକ, ଭାରପ୍ରାପ୍ତ ପବ୍ଲିକ ପ୍ରସିକ୍ୟୁଟର ସହାୟକ ଅଭିଯୋଜନ ଅଧିକାରୀ ଡ଼ି. ଅନୁପରାଜ ଆଚାରୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ହୋଇଥିଲା। ପରେ ଏସ୍‌ପିଙ୍କ କାର୍ଯ୍ୟାଳୟରେ ନବ ନିଯୁକ୍ତ ସରକାରୀ ଓକିଲମାନେ ଏସ୍‌ପି ଯତୀନ୍ଦ୍ର ପଣ୍ଡାଙ୍କୁ ଭେଟିଥିଲେ। ନବ ନିଯୁକ୍ତ ସରକାରୀ ଓକିଲମାନେ ନିଷ୍ଠାପର ଭାବେ କର୍ତ୍ତବ୍ୟ ସମ୍ପାଦନ କରିବାକୁ ପଣ୍ଡା ପରାମର୍ଶ ଦେଇଥିଲେ।

## ମୋହନାରେ ହିନ୍ଦୁ ସମ୍ମିଳନୀ

ମୋହନା,୨୨।୧(ମନ୍ମଥ ମିଶ୍ର)


ହିନ୍ଦୁ ସମ୍ମିଳନୀରେ ଉପସ୍ଥିତ ମହିଳାପୁରୁଷ।

ଗଜପତି ଜିଲା ମୋହନା ମିନି ଷ୍ଟାଡିୟମଠାରେ ଗୁରୁବାର ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଏକ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଜିଲାର ବିଭିନ୍ନ ସ୍ଥାନରେ ୮ଟି ହିନ୍ଦୁ ସମ୍ମିଳନୀ ହେବା ପରେ ଶେଷରେ ମୋହନାରେ ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ପୂର୍ବାହ୍ନରେ ବହୁ ସଂଖ୍ୟକ ମହିଳା ପୁରୁଷ ଓ ଯୁବକ ଏକ ଶୋଭାଯାତ୍ରାରେ ସ୍ଥାନୀୟ ଶିବ ମନ୍ଦିର ପରିସରରୁ ବାହାରି ସହର ପରିକ୍ରମା କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମ୍ୟ ମୁଖିଆ ପ୍ରତାପ ଚନ୍ଦ୍ର ପାତ୍ର, ଅଖିଳ ଭାରତୀୟ ସଦ ଭାବନା ପ୍ରମୁଖ ଗୋପାଳ ପ୍ରସାଦ ମହାପାତ୍ର, ବିଶ୍ୱହିନ୍ଦୁ ପରିଷଦ ପ୍ରମୁଖ ତରଣୀସେନ ଦାଶ, ରାମା ରାଓ, ସମାଜିକ କର୍ମୀ ଭିକାରି ଚରଣ ବେହେରା, ଭିକାରି ସାହୁ, ପ୍ରାନ୍ତ ପ୍ରମୁଖ ରାଘବ ନାୟକ, ଭାଜପା ନେତା ପ୍ରଶାନ୍ତ ମଲ୍ଲିକ, ବାସନ୍ତୀ ପୂଜାରୀ, କୀର୍ତ୍ତନ ମଣ୍ଡଳୀ କର୍ମକର୍ତ୍ତା, ପ୍ରକାଶ ସାହୁ, ରବୀନ୍ଦ୍ର ମଲିକ, ପୀତାମ୍ବର ମଣ୍ଡଳ, ନାରଦ ମଲ୍ଲିକ, ହରିଶ୍ଚନ୍ଦ୍ର ନାୟକ, ଦେବରାଜ ପାଲ, ପର୍ଶୁରାମ ରଇତ, ନବୀନ କାର୍ଜି, ପ୍ରମୁଖ ମଞ୍ଚାସୀନ ଥିଲେ। ଉପସ୍ଥିତ ଅତିଥିମାନେ ନିଜ ବକ୍ତବ୍ୟରେ ହଜି ଯାଉଥିବା ହିନ୍ଦୁମାନଙ୍କ ସଂସ୍କୃତି, ପରମ୍ପରା, ଜୀବିକା ଆଦି କାର୍ଯ୍ୟଶୈଳୀକୁ ବଞ୍ଚାଇ ରଖିବା ସହ ଧର୍ମ ଓ ସଂସ୍କାରକୁ ବଜାୟ ରଖି ହିନ୍ଦୁ ସମାଜକୁ ଜାଗ୍ରତ ରହିବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ ସୁବୁଦ୍ଧି ପରିଚାଳନା କରିଥିଲେ। ସମ୍ମିଳନୀରେ ବ୍ଲକର ବିଭିନ୍ନ ଅଞ୍ଚଳରୁ ହିନ୍ଦୁ ସମ୍ପ୍ରଦାୟର ପ୍ରାୟ ୭ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

## ଅଭିଯୋଗର ଭିଜିଲାନ୍ସ ତଦନ୍ତ ଆରମ୍ଭ

**ପୁରାତନ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ଅର୍ଥ ହେରଫେର**

ପାରଳାଖେମୁଣ୍ଡି,୨୨।୧(ଗିରିଧାରୀ ପରିଚ୍ଛା)


ବନ୍ଧ ନିକଟରେ ତଦନ୍ତ କରୁଥିବା ଭିଜିଲାନ୍ସ ଅଧିକାରୀ।

ଗଜପତିଜିଲା ସଦର ପାରଳାଖେମୁଣ୍ଡି ପୌର ପରିଷଦରେ ଥିବା ସର୍ବପୁରାତନ ପଟ୍ଟନାୟକ ପୋଖରୀର ପୁନରୁଦ୍ଧାର କାର୍ଯ୍ୟରେ ସରକାରୀ ଅର୍ଥ ହେରଫେର ଅଭିଯୋଗ ହୋଇଥିଲା। ଏହାକୁ ନେଇ ଗୁରୁବାର ଭିଜିଲାନ୍ସ ତଦନ୍ତ ଆରମ୍ଭ ହୋଇଛି। ବ୍ରହ୍ମପୁର ଭିଜିଲାନ୍ସ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଇନ୍‌ସପେକ୍ଟର ସୌମ୍ୟ ପଣ୍ଡାଙ୍କ ନେତୃତ୍ୱରେ ତିନି ଜଣିଆ ଟିମ୍ ପାରଳାଖେମୁଣ୍ଡିସ୍ଥିତ ପଟ୍ଟନାୟକ ବନ୍ଧରେ ପହଞ୍ଚି ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। ତେବେ ପଟ୍ଟନାୟକ ବନ୍ଧର ପାରିପାର୍ଶ୍ୱିକ ସ୍ଥିତି ଦେଖି ଟିମ୍ କ୍ଷୁବ୍ଧ ହୋଇଥିଲେ। ବନ୍ଧ ପରିସରକୁ ସଫା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ଧ ମଧ୍ୟ ଭାଗରେ ଅନାବନା ଘାସଲତା ଓ ପରିସରରେ କୃତ୍ରିମ ଜଙ୍ଗଲ ସୃଷ୍ଟି ହୋଇଛି। ବନ୍ଧରେ ପାଣି ନାହିଁ। ଏପରି ଦେଖି ଭିଜିଲାନ୍ସ ଟିମ୍ ଅସନ୍ତୋଷ ପ୍ରକାଶ କରିଥିଲେ। ଉପସ୍ଥିତ ପାରଳାଖେମୁଣ୍ଡି ପୌର ନିର୍ବାହୀ ଅଧିକାରୀ ଲକ୍ଷ୍ମଣ ମୁର୍ମୁ ଓ ପୌରଯନ୍ତ୍ରୀ ସଞ୍ଜୀବ କୁମାର ସଫେଇ ପାଇଁ ଟିମ୍‌କୁ ୭ ଦିନ ସମୟ ମାଗିଥିଲେ। ଟିମ ବନ୍ଧର କେତେକ ପାର୍ଶ୍ୱ ନିରୀକ୍ଷଣ କରି ମାପଚୁପ କରିଥିଲେ। ପଟ୍ଟନାୟକ ବନ୍ଧର ପରିସର ୩ ଏକର ୩୬୫ ଡେସିମେଲ ଥିଲା। ତେବେ ଏହାର ପରିସର ଜବରଦଖଲକାରୀଙ୍କ କବଜାକୁ ଚାଲିଯାଇ କେବଳ ଜଳ ରହଣୀସ୍ଥଳ ହିଁ ବଳକା ରହିଛି। ଏହି ବନ୍ଧର ପୁନରୁଦ୍ଧାର ପାଇଁ ସରକାର ୨୦୦୯ରୁ ବିଭିନ୍ନ ଯୋଜନାରେ ୨ କୋଟି ୧୧ ଲକ୍ଷ ୫ ହଜାର ଟଙ୍କା ଅନୁଦାନ ଦେଇଥିଲେ। ଏହି ଟଙ୍କା ବନ୍ଧର ପୁନରୁଦ୍ଧାର, ଗାଧୁଆ ତୁଠ, ପଙ୍କଉଦ୍ଧାର, ରିଟେର୍ଣ୍ଣିଂ ୱାଲ, କଂକ୍ରିଟ ବ୍ଲକ ପିଚିଂ ସମେତ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ବ୍ୟୟବରାଦ ହୋଇଥିଲା । ମାତ୍ର ଠିକାଦାର ଓ ବିଭାଗୀୟ କର୍ତ୍ତୃପକ୍ଷଙ୍କ ସଲାସୁତରାରେ କାମ ଶେଷ ହୋଇପାରି ନ ଥିଲା। ଯେଉଁ କାମ ହୋଇଛି ତାହା କାଗଜ କଲମରେ ସୀମିତରହି ପଟ୍ଟନାୟକ ବନ୍ଧ ପୁନରୁରୁଦ୍ଧାର ହୋଇନାହିଁ। ଏହି ପଟ୍ଟନାୟକ ବନ୍ଧ ହୁଡାରେ ଅନେକ ମନ୍ଦିର ରହିଛି। ନିକଟରେ ସଂସ୍କୃତ ମହାବିଦ୍ୟାଳୟ ମଧ୍ୟ ରହିଛି। ବନ୍ଧଟି ଏବେ ଆବର୍ଜନାମୟ ହୋଇଛି। ମିଥ୍ୟା ବିଲ ଦାଖଲ କରି ବନ୍ଧ ପୁନରୁଦ୍ଧାର ଅର୍ଥ ହରିଲୁଟ କରାଯାଇଥିବା ନେଇ ପାରଳାଖେମୁଣ୍ଡି ନିବାସୀ ପ୍ରନୋଜ ପଟ୍ଟନାୟକ କିଛିମାସ ତଳେ ଗଜପତି ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ଏଥିରେ ଅର୍ଥ ହଡପକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସେ ଦାବି କରିଥିଲେ। ପରବର୍ତ୍ତୀ ସମୟରେ ଏହି ଅଭିଯୋଗ ଭିଜିଲାନ୍ସ ହାତକୁ ଯାଇଥିଲା।

**ସଂକ୍ଷେପରେ**

## ପଲିଫେଷ୍ଟରେ ଦକ୍ଷିଣ ଓଡ଼ିଶାର ୭୦୦ ଛାତ୍ରୀଛାତ୍ର

ବ୍ରହ୍ମପୁର, ୨୨।୧(ସୁବାସ ଚନ୍ଦ୍ର ପାଢ଼ୀ) ଉମାଚରଣ ପଟ୍ଟନାୟକ ଇଞ୍ଜିନିୟରିଂ ସ୍କୁଲ ଦ୍ୱାରା ଆୟୋଜିତ ଆନ୍ତର୍ଜାତିକ ପଲିଫେଷ୍ଟ ୨୦୨୫-୨୬ (ଜୋନ-୩) ଗୁରୁବାର ସରିଛି। କାର୍ଯ୍ୟକ୍ରମ ଦକ୍ଷିଣ ଓଡିଶାର ପଲିଟେକ୍ନିକ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡ଼ା ଭାବନା, ସାଂସ୍କୃତିକ ଆଦାନପ୍ରଦାନ, ଏକତା ଓ ସାମଗ୍ରିକ ବ୍ୟକ୍ତିତ୍ୱ ବିକାଶକୁ ପ୍ରୋତ୍ସାହନ ଦେବା ମୂଳ ଲକ୍ଷ୍ୟ ବୋଲି ୟୁଆଇପି ଅଧକ୍ଷ କହିଛନ୍ତି । କାର୍ଯ୍ୟକ୍ରମରେ କ୍ରୀଡ଼ା,ଆଥଲେଟିକ୍ସ ଓ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। କ୍ରୀଡ଼ା ଓ ଆଥଲେଟିକ୍ସ ପ୍ରତିଯୋଗିତା ୟୁଆଇପି ଖେଳ ପଡିଆରେ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସରକାରୀ ପଲିଟେକ୍ନିକ,ବ୍ରହ୍ମପୁର ଅଡିଟୋରିଅମରେ ହେଉଥିଲା। ପଲିଫେଷ୍ଟରେ ଦକ୍ଷିଣ ଓଡିଶାର ବ୍ରହ୍ମପୁର, ଗଜପତି, କନ୍ଧମାଳ, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡା ସମେତ ମୋଟ ୧୮ ପଲିଟେକ୍ନିକ ସଂସ୍ଥାର ୭୦୦ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଏସଏମଆଇଟି ସଭାପତି ଡ.ଭଗବାନ ରଗଡ଼ାଥ, ଷ୍ଟେଟ୍ କାଉନ୍ସିଲ ଅଫ୍ ଟେକ୍ନିକାଲ ଏଜୁକେସନ,ନିର୍ଦ୍ଦେଶକ ବାଳକୃଷ୍ଣ ପଣ୍ଡା,ଏସ.ଏସ. ରାଜ, ୟୁଆଇପି ଇଞ୍ଜିନିୟରିଂ ସ୍କୁଲର ଅଧକ୍ଷ, ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତି, ଅଧ୍ୟାପକ, କର୍ମଚାରୀ ଏବଂ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ବିଜେତା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା ।

## ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରର ବାର୍ଷିକୋତ୍ସବ

ବେଲଗୁଣ୍ଠା,୨୨।୧ (କୃଷ୍ଣ ଚନ୍ଦ୍ର ପଟ୍ଟନାୟକ)

ସ୍ଥାନୀୟ ସ୍ୱାମୀ ବିବେକାନନ୍ଦ ଶିଶୁ ମନ୍ଦିରରେ ୨୬ ତମ ବାର୍ଷିକୋତ୍ସବ ପାଳିତ ହୋଇଛି। ଏଥିରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ରଞ୍ଜନ କୁମାର ଦେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଶିକ୍ଷା ମନୁଷ୍ୟ ଜୀବନର ଗୋଟିଏ ଅଙ୍ଗ ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ଭାବେ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପା ମୁଦ୍ରା ରଥ ଯୋଗଦେଇ ଶିଶୁମାନେ ଠିକ୍ ଭାବେ ଶିକ୍ଷା ଗ୍ରହଣ ପାଇଁ ଅଭିଭାବକମାନେ ଅନୁଷ୍ଠାନର ଗୁରୁମା ଗୁରୁଜୀଙ୍କ ସହିତ ସର୍ବଦା ଯୋଗାଯୋଗରେ ରହିବାର ଆବଶ୍ୟକତା ଅଛି ବୋଲି କହିଛନ୍ତି। ସମ୍ମାନିତ ଅତିଥି ଭାବେ ସିଆରସିସି ରମେଶ ଚନ୍ଦ୍ର ପାଣିଗ୍ରାହୀ, ବୈଦିକ ବାସ୍ତୁ ବିଶାରଦ ଡକ୍ଟର ସନ୍ୟାସୀ ମହାରଣା ଓ ଆଇନଜୀବୀ ସନ୍ତୋଷ ପଣ୍ଡା ଯୋଗ ଦେଇଥିଲେ। ଚିନମ ସନତ କୁମାର ସୁବୁଦ୍ଧି ସଭାରେ ସଭାପତିତ୍ୱ କରିଥିଲେ। ସଭାପତି ମାଧବ ଚନ୍ଦ୍ର ଆପଟ ଉପସ୍ଥିତ ସମସ୍ତ ଅତିଥି ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ବିଭିନ୍ନ ପରୀକ୍ଷାରେ କୃତିତ୍ୱ ହୋଇଥିବା ଛାତ୍ରୀ ସାଇସ୍ମିତା ପଣ୍ଡା, ଦୀପିକା ବେହେରା ଓ ସ୍ମୃତି ରଞ୍ଜନ ବିଷୋୟୀଙ୍କୁ ସ୍ୱ ପୁରସ୍କୃତ କରାଯାଇଥିଲା। ଆଗରୁ ଅନୁଷ୍ଠିତ ହୋଇଯାଇଥିବା ବିଭିନ୍ନ ବର୍ଗର ଖେଳ କୁଦ ପ୍ରତିଯୋଗି ମାନଙ୍କୁ ଅତିଥି ମାନେ ପୁରସ୍କାର ପ୍ରଦାନ କରି ଶିଶୁଙ୍କୁ ଉତ୍ସାହିତ କରିଥିଲେ।

# ଝିଅ ସଶକ୍ତ ହେଲେ ପରିବାର, ସମାଜ ସୁଦୃଢ଼ ହେବ

**ଜିଲାସ୍ତରୀୟ ଜାତୀୟ ଶିଶୁ କନ୍ୟା ଦିବସ**

ବ୍ରହ୍ମପୁର, ୨୨।୧(ସୁବାସ ଚନ୍ଦ୍ର ପାଢ଼ୀ) ଜିଲା ସ୍ୱାସ୍ଥ୍ୟ ବିକାଶ ସମିତି ପକ୍ଷରୁ ଜାତୀୟ ଶିଶୁକନ୍ୟା ଦିବସ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଛି। ସିଡିଏମ୍ଓ ଡା. ଭବାନୀ ଶଙ୍କର ମିଶ୍ର ଅଧ୍ୟକ୍ଷତା କରି କହିଲେ ଯେ, କନ୍ୟାସନ୍ତାନଙ୍କୁ ତାଙ୍କ ଅଧିକାର, ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ପ୍ରତି ସଚେତନ କରିବା ଏହି ଦିବସର ମହତ୍ତ୍ୱ। କନ୍ୟା ସନ୍ତାନଙ୍କ ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ଯୋଜନା ଆରମ୍ଭ କରିଛନ୍ତି। ସେଥିରେ ରହିଛି ବେଟି ବଚାଓ ,ବେଟି ପଢ଼ାଓ, ଶିଶୁ କନ୍ୟା ରକ୍ଷା ଯୋଜନା, ସବଲା ଓ କିଶୋରୀ ଶକ୍ତି ଯୋଜନା ପ୍ରମୁଖ। ଏହି ସମସ୍ତ ଯୋଜନାର ମୁଖ୍ୟ ଲକ୍ଷ୍ୟ ହେଉଛି କନ୍ୟାସନ୍ତାନ ଜନ୍ମକୁ ଉତ୍ସାହିତ କରିବା, ଲିଙ୍ଗ ଭିତ୍ତିକ ଭେଦଭାବ ଦୂର କରିବା ଏବଂ ସମାନତାଭିତ୍ତିକ ସମାଜ ଗଢ଼ିବା। ଏହା ଦ୍ୱାରା ବାଳିକାମାନେ ନିଜ ଉନ୍ନତି କରିପାରିବେ ଏବଂ ଦେଶର


କାର୍ଯ୍ୟକ୍ରମରେ ସିଡିଏମଓଙ୍କ ସହ ଅନ୍ୟମାନେ।

ପ୍ରଗତିରେ ମଧ୍ୟ ସେମାନଙ୍କର ଅବଦାନ ରହିବ ବୋଲି ସେ କହିଥିଲେ। ସମାଜରେ ବାଳିକା ଶିଶୁର ପ୍ରୟୋଜନିୟତା ଏବଂ ସାମାଜିକ ମାନସିକତା ଉପରେ ଆଲୋଚନା କରାଯାଇଥିଲା। ବ୍ରହ୍ମପୁର ସରକାରୀ ଏ.ଏନ.ଏମ. ତାଲିମ କେନ୍ଦ୍ରର ଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବାଲୁଙ୍କେଶ୍ୱର ଷଡ଼ଙ୍ଗୀ, ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା.ଏସ .କାମେଶ୍ୱର ରାଓ , ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ମଶା ବାହିତ ରୋଗ ) ଡା. ଦେବାଶିଷ ପଟ୍ଟନାୟକ , ଜିଲା କାର୍ଯ୍ୟକ୍ରମ ପରିଚାଳକ (ଡିପିଏମ) ବୁଲୁନାଥ ସାହୁ , ଜିଲା ସହାୟକ ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ମୃତ୍ୟୁଞ୍ଜୟ ପାଣିଗ୍ରାହୀ , ସଖୀ କେନ୍ଦ୍ରର ନିର୍ଦ୍ଦେଶିକା ମହାଶ୍ୱେତା ପାଢ଼ୀ, ସ୍ୱେଚ୍ଛାସେବୀ ସଂଗଠନ 'ସେବା'ର ମୁଖ୍ୟ ଅଳକା ସାହୁ, ଏ.ଏନ.ଏମ. ତାଲିମ କେନ୍ଦ୍ରର ଶିକ୍ଷୟିତ୍ରୀମାନେ ଯୋଗଦେଇଥିଲେ। ଡିପିଏମ ବୁଲୁନାଥ କହିଥିଲେ ଯେ, ଆସନ୍ତୁ ଆମେ ସମସ୍ତେ ଏହି ଦିନରେ ଏକ ପ୍ରତିଜ୍ଞା କରିବା ପ୍ରତ୍ୟେକ ଝିଅକୁ ଜନ୍ମ ନେବାର ଅଧିକାର, ଶିକ୍ଷା ପାଇବାର ସୁଯୋଗ ଓ ନିରାପଦ ଜୀବନ ପ୍ରଦାନ କରିବା। କାରଣ ଝିଅ ସଶକ୍ତ ହେଲେ ପରିବାର, ସମାଜ ଓ ଦେଶ ସଶକ୍ତ ହେବ। ଝିଅମାନଙ୍କ ପ୍ରଗତି ସେତେବେଳେ ହିଁ ସମ୍ଭବ, ଯେତେବେଳେ ଆମେ ମନରୁ ସେମାନଙ୍କୁ ସମାନ ଅଧିକାର ଦେବାକୁ ପ୍ରସ୍ତୁତ ହେବା। ସେମାନଙ୍କ ପାଇଁ ଏକ ଉପଯୁକ୍ତ ପରିବେଶ ସୃଷ୍ଟି କରିବା, ସ୍ୱାଧୀନ ଭାବେ ଚିନ୍ତା କରିବା ଓ ନିଜ ନିଷ୍ପତ୍ତି ନିଜେ ନେବା ପାଇଁ ସୁଯୋଗ ଦେବା ଆମ ସମସ୍ତଙ୍କ ଦାୟିତ୍ୱ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଲିଗଲ ସହାୟକ ପରିଚାଳକ ଦିଲୀପ ପଣ୍ଡା ପରିଚାଳନା କରିଥିଲେ। ପରେ ଏକ କୁଇଜ ପ୍ରତିଯୋଗିତା ହୋଇଥିଲା।

# ୧୩ ଲକ୍ଷ ଠକି ହାଇଦ୍ରାବାଦ ପଳାଇଲେ ମହିଳା

ବ୍ରହ୍ମପୁର,୨୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ଟାଉନ ଥାନା ଅନ୍ତର୍ଗତ ତୁଳସୀନଗର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ସହ ସମ୍ପର୍କ ରଖି ତାଙ୍କୁ ଧୋକା ଦିଆଯାଇଛି। ଉକ୍ତ ବ୍ୟକ୍ତିଙ୍କ ଠାରୁ ସେହି ଅଞ୍ଚଳରେ ରହୁଥିବା ଜଣେ ମହିଳା ୧୩ ଲକ୍ଷ ଟଙ୍କା ଠକି ନେଇ ହାଇଦ୍ରାବାଦ ପଳାଇଛନ୍ତି। ଏନେଇ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜଣଙ୍କ ଅଭିଯୋଗ କରିଛନ୍ତି। ପୋଲିସ ଏନେଇ ଏକ ମାମଲା ରୁଜୁ କରି ତାଙ୍କୁ ଠାବ କରିବାକୁ ଉଦ୍ୟମ ଚଳାଇଛି । ତୁଳସୀନଗର ଦ୍ୱିତୀୟ ଲାଇନର ନାଗେଶ୍ୱର ପଟ୍ଟନାୟକଙ୍କ ସହ ସେହି ଅଞ୍ଚଳ ଜଣେ ମହିଳାଙ୍କ ମଧ୍ୟରେ ପାରିବାରିକ ସମ୍ପର୍କ ରହିଥିଲା । ଗତବର୍ଷ ଏପ୍ରିଲ ମାସରେ ମହିଳା ଜଣଙ୍କ ଏକ ଜରୁରୀ କାମ ଥିବା କହି ନାଗେଶ୍ୱରଙ୍କୁ ଟଙ୍କା ଧାର ମାଗିଥିଲେ । ୨ ମାସ ମଧ୍ୟରେ ସମସ୍ତ ଟଙ୍କା ଫେରାଇବେ ବୋଲି କହିଥିଲେ। ନାଗେଶ୍ୱର ତାଙ୍କ କଥାରେ ବିଶ୍ୱାସ କରି ୧୩ ଲକ୍ଷ ଟଙ୍କା ଦେଇଥିଲେ। ହେଲେ ଟଙ୍କା ନେବା ପରେ ମହିଳା ଜଣଙ୍କ ନିଜ ସ୍ୱାମୀ ସହ ହାଇଦ୍ରାବାଦ ଚାଲି ଯାଇଥିଲେ । ଏହାଭିତରେ ଅନେକ ମାସ ବିତି ସାରିଥିଲେ ମଧ୍ୟ ମହିଳା ଜଣଙ୍କ ନାଗେଶ୍ୱରଙ୍କୁ ତାଙ୍କ ଟଙ୍କା ଫେରସ୍ତ କରୁନାହାନ୍ତି । ଏପରିକି ଫୋନ କଲେ ମଧ୍ୟ ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏପରିକି ଟଙ୍କା ମାଗିଲେ ଧମକଚମକ ଦେଉଛନ୍ତି ବୋଲି ନାଗେଶ୍ୱର ନିଜ ଅଭିଯୋଗରେ ଦର୍ଶାଇଛନ୍ତି ।

# ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସଚେତନତା ଶିବିର


କାର୍ଯ୍ୟକ୍ରମରେ ଉପସ୍ଥିତ ଜଜ୍‌ମାନେ।

ବ୍ରହ୍ମପୁର,୨୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲ୍ଲା ଓ ଦୌରା ଜଜ ତଥା ଜିଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଅଶାନ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଆଇନ ସେବା ପ୍ରାଧିକରଣ ସଚିବ ବ୍ୟୋମକେଶ ନାୟକଙ୍କ ପୌରୋହିତ୍ୟରେ ଲିଙ୍ଗରାଜ ଆଇନ କଲେଜରେ ବୁଧବାର ଏକ ସଚେତନତା ଶିବିର ହୋଇଛି। 'ପୋସ ଆକ୍ଟ, ସାମ୍ବିଧାନିକ ଅଧିକାର ଏବଂ ନାଗରିକଙ୍କ କର୍ତ୍ତବ୍ୟ' ବିଷୟ ଉପରେ ଆଲୋଚନା ହୋଇଥିଲା । ଲିଙ୍ଗରାଜ ଆଇନ କଲେଜ ଅଧ୍ୟକ୍ଷ ଏନ.ସି ପଟ୍ଟନାୟକ କାର୍ଯ୍ୟକ୍ରମରେ ସ୍ୱାଗତ ଭାଷଣ ଦେଇଥିଲେ। ପ୍ରାଧିକରଣ ସଚିବ ନାୟକ ଦିବସର ମହତ୍ତ୍ୱ ବୁଝାଇଥିଲେ । ପ୍ରଥମ ଅତିରିକ୍ତ ଜିଲା ଜଜ ନରେଶ ମହାନ୍ତି, ପରିବାର ଅଦାଲତ ବିଚାରପତି ଜାନକୀ ବିଶ୍ୱାଳ, ପୋକସୋ କୋର୍ଟ ବିଚାରପତି ପ୍ରଣତି ପଟ୍ଟନାୟକ, ପିଓ ଓପିଆଇଡି ସଂଗୀତା ପାଣି, ଜେଏମଏସସି ଟ୍ରାନ୍ସପୋର୍ଟ ସବ୍ୟସାଚୀ ପଣ୍ଡା, ସିଭିଲ କୋର୍ଟ ବିଚାରପତି ରାଜଶ୍ରୀ ଆର୍ଯ୍ୟବାଳା ତ୍ରିପାଠୀ,ଜେଏମଏସସି ଏଲଆର ଏବଂ ଏଲଟିଭି ଅନନ୍ୟା ଦାସ,ଜେଏମଏସସି ବ୍ରହ୍ମପୁର ସସ୍ମିତା ସାମଲ ଓ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ବଡ଼ କୁଶସ୍ଥଳି, ସାନ କୁଶସ୍ଥଳି ଗାଁକୁ ଚୂଡ଼ାନ୍ତ ବିଜ୍ଞପ୍ତିରେ ସ୍ଥାନିତ ଦାବି

ବ୍ରହ୍ମପୁର,୨୨।୧(ସ୍ମୃତି ରଞ୍ଜନ ମହାଳିକ) ବ୍ରହ୍ମପୁର ମହାନଗର ନିଗମରେ ସାମିଲ ନେଇ ପ୍ରକାଶିତ ସାନି ବିଜ୍ଞପ୍ତିରୁ ବାଦ ପଡ଼ିଥିବା ବଡ କୁଶସ୍ଥଳି ପଞ୍ଚାୟତର ବଡ଼ କୁଶସ୍ଥଳି ଓ ସାନ କୁଶସ୍ଥଳି ଗାଁକୁ ଚୂଡ଼ାନ୍ତ ବିଜ୍ଞପ୍ତିରେ ସ୍ଥାନିତ ଦାବି ହୋଇଛି। ଗୁରୁବାର ଉଭୟ ଗାଁ ଓ ସହର ତଳି ଅଞ୍ଚଳ ମିଳିତ କ୍ରିୟାନୁଷ୍ଠାନ କମିଟିର ଏକ ମିଳିତ ପ୍ରତିନିଧି ମଣ୍ଡଳୀ ବିଏମସି କମିଶନରଙ୍କ ଅନୁପସ୍ଥିତିରେ ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ, ବଡ଼ କୁଶସ୍ଥଳି ପଞ୍ଚାୟତର ୪ଟି ଗାଁ ମଧ୍ୟରୁ ଗୁମ୍ଫା ଓ ବଡ ଗୁମ୍ଫା ଗାଁ ବିଏମସିରେ ମିଶ୍ରଣ ନିମନ୍ତେ ପ୍ରଥମରୁ ସଙ୍କଳ୍ପ ପତ୍ର ଦାଖଲ କରିଥିଲେ। ୨ୟ ପର୍ଯ୍ୟାୟ ଗତ ଡିସେମ୍ବର ୨୪ ତାରିଖରେ ବଡ଼ କୁଶସ୍ଥଳି ପଞ୍ଚାୟତ ପକ୍ଷରୁ ବଡ଼ କୁଶସ୍ଥଳି ଓ ସାନ କୁଶସ୍ଥଳି ଗାଁକୁ ବିଏମସିରେ ସାମିଲ ନେଇ ସଙ୍କଳ୍ପ ପତ୍ର ଦାଖଲ


ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

କରାଯାଇଥିଲା। ଏହି ୨ ଗାଁ ମିଶ୍ରଣ ନେଇ ବିଏମସିରେ ପ୍ରସ୍ତାବ ପାରିତ ସହ ଜିଲା ପ୍ରଶାସନ ପଞ୍ଚାୟତି ରାଜ ବିଭାଗର ଅନୁମୋଦନ ନିମନ୍ତେ ପଠାଇଥିଲେ । ପଞ୍ଚାୟତି ରାଜ ବିଭାଗ ଏନେଇ ଏନଓସି ଗୃହ ଓ ନଗର ଉନ୍ନୟନ ବିଭାଗ ନିକଟରେ ଦାଖଲ କରିଥିଲେ ମଧ୍ୟ ସୁଫଳ ମିଳିନାହିଁ। ଉଭୟ ବିଭାଗର ସମନ୍ୱୟ ଅଭାବ ହିଁ ଏହାର କାରଣ ହୋଇଛି। ସେହିପରି ଛତ୍ରପୁର ଠାରେ କମିଟି କର୍ମକର୍ତ୍ତାମାନେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜିଲା ପଞ୍ଚାୟତ ଅଧିକାରୀ ପ୍ରହଲ୍ଲାଦ ପ୍ରଧାନଙ୍କୁ ଦାବିପତ୍ର ଦେଇଛନ୍ତି। କମିଟି ପକ୍ଷରୁ କୁହାଯାଇଛି ଯେ, ନିକଟରେ ରାଜ୍ୟ ସରକାର ୧୪ ପଞ୍ଚାୟତର ୩୪ ଗାଁ ମିଶ୍ରଣ ପାଇଁ ଯେଉଁ ସାନି ବିଜ୍ଞପ୍ତି ପ୍ରକାଶ କରିଛନ୍ତି ସେଥିରେ ବଡ କୁଶସ୍ଥଳି ପଞ୍ଚାୟତକୁ ବିଏମସିରେ ମିଶ୍ରଣ ନେଇ ଉଲ୍ଲେଖ କରିଛନ୍ତି। କିନ୍ତୁ ପଞ୍ଚାୟତର ୪ ଗାଁରୁ କେବଳ ୨ଟି ସ୍ଥାନ ପାଇଛି। ଫଳରେ ଏହି ଦୁଇ ଗାଁରେ ଦ୍ୱନ୍ଦ୍ୱ ଦେଖାଦେଇଛି। ଏହି ୨ ଗାଁ ଚୂଡ଼ାନ୍ତ ବିଜ୍ଞପ୍ତିରେ ସ୍ଥାନ ପାଇଲେ ୩୬ ଗାଁ ସାମିଲ ହେବ। ଏଣୁ ବିଭାଗ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ କରିବା ପୂର୍ବରୁ ଆପତ୍ତି ଓ ପରାମର୍ଶ ପାଇଁ ଯେଉଁ ୩୦ ଦିନ ସମୟ ଦେଇଛନ୍ତି ସେଥିରେ ବାଦ ପଡ଼ିଥିବା ଉପରୋକ୍ତ ୨ ଗାଁ କିଭଳି ସ୍ଥାନ ପାଇବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ କମିଟି ଅନୁରୋଧ କରିଛି। ଦାବି ପତ୍ର ପ୍ରଦାନ ସମୟରେ ସହରତଳି ଅଳଳ ମିଳିତ କ୍ରିୟାନୁଷ୍ଠାନ କମିଟି ସଭାପତି ସଞ୍ଜୀବ କୁମାର ପଟ୍ଟନାୟକଙ୍କ ସମେତ ତପନ କୁମାର ସାହୁ,ଗୌର ହରି ସାହୁ, ରାମକୃଷ୍ଣ ସାହୁ, ଆର୍ ରାମଚନ୍ଦ୍ର ରେଡ୍ଡୀ, ଟୁନା ସେଠୀ, ମିଟୁ ବେହେରା, କିଶୋର ଚନ୍ଦ୍ର ଗୌଡ଼,ଲକ୍ଷ୍ମୀକାନ୍ତ ଜେନା, ପ୍ରେମାନନ୍ଦ ବେହେରା, ଏମ ଲାବଣ୍ୟ ପାତ୍ର, ବି ଭି ସାଗର, ଅଜି କୁମାର ପଟ୍ଟନାୟକ, କାଳିନ୍ଦୀ ଚରଣ ନାୟକ ଓ ପ୍ରବୀଣ କୁମାର ପଟ୍ଟନାୟକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଜାତୀୟ ମତଦାତା ଦିବସରେ ଶପଥ ଗ୍ରହଣ



ବିଏମସି ସମ୍ମିଳନୀ କକ୍ଷରେ ଉପସ୍ଥିତ ମେୟର, ଡେପୁଟି କମିଶନର ଓ ଅନ୍ୟମାନେ।

ବ୍ରହ୍ମପୁର,୨୨।୧(ସ୍ମୃତି ରଞ୍ଜନ ମହାଳିକ)

ମତଦାତାଙ୍କ ସଂକଳ୍ପ ଗ୍ରହଣ ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ମଧ୍ୟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ରହ୍ମପୁର ଉପଜିଲାପାଳ ଅବିନାଶ କୁମାର,ଡେପୁଟି କଲେକ୍ଟର ସୁବ୍ରତ ରାମ ବିରାମ ଶତପଥି ଯୋଗ ଦେଇଥିଲେ। ଉପଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ୧୬ତମ ଜାତୀୟ ମତଦାତା ଦିବସ ଅବସରରେ ସଂକଳ୍ପ ଗ୍ରହଣ କରିଥିଲେ । ସେହିପରି ବ୍ରହ୍ମପୁର ଉପଖଣ୍ଡର ସମସ୍ତ ତହସିଲ ଅଫିସ୍,ବ୍ଲକ ଅଫିସ ଓ ଶିକ୍ଷାନୁଷ୍ଠାନରେ ସଭିଏଁ ଦେଶର ଗଣତାନ୍ତ୍ରିକ ପରମ୍ପରାର ମର୍ଯ୍ୟାଦା ବଜାୟ ରଖିବା ସହ ଶାନ୍ତିପୂର୍ଣ୍ଣ ନିର୍ବାଚନରେ ଓ ପ୍ରତ୍ୟେକ ନିର୍ବାଚନରେ ନିଜ ମତାଧିକାରର ପ୍ରୟୋଗ କରିବୁ ବୋଲି ଶପଥ ଗ୍ରହଣ କରିଥିଲେ । ସେହିପରି ବ୍ରହ୍ମପୁର ମହାନଗର ନିଗମ (ବିଏମସି) ପକ୍ଷରୁ ଗୁରୁବାର ବିଏମସି ସମ୍ମିଳନୀ କକ୍ଷରେ ୧୬ ତମ ଜାତୀୟ ମତ ଦାତା ଦିବସ ଅବସରରେ ଶପଥ ଗ୍ରହଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଏମସି ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ବିବେକ ରେଡ୍ଡି, ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରା ଦେବୀ ଯୋଗ ଦେଇଥିଲେ। ବହୁ କର୍ପୋରେଟର ଓ ଯନ୍ତ୍ରୀ ଏବଂ ଅଧିକାରୀ ଉପସ୍ଥିତ ରହି ଶପଥ ଗ୍ରହଣ କରିଥିଲେ।

# ଛାତ୍ରୀଙ୍କ ମେରୁଦଣ୍ଡରୁ ବାହାରିଲା ଟ୍ୟୁମର

**ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର**

ବ୍ରହ୍ମପୁର,୨୨।୧(ସୁବାସ ଚନ୍ଦ୍ର ପାଢ଼ୀ):

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଜଣେ ଛାତ୍ରୀଙ୍କ ମେରୁଦଣ୍ଡରୁ ଟ୍ୟୁମର ବାହାର କରାଯାଇଛି। ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ମନୀଷା ଜେନା(୧୮)ଙ୍କ ମେରୁଦଣ୍ଡରେ ଟ୍ୟୁମର ହୋଇଥିବାରୁ ମାସାଧିକ କାଳ ସେ ଯନ୍ତ୍ରଣା ଭୋଗୁଥିଲେ। ଘରୋଇ ଡାକ୍ତରଖାନାଠାରୁ ଆରମ୍ଭ କରି ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପରେ ମଧ୍ୟ ସୁଫଳ ମିଳିନଥିଲା। ଏମ୍‌କେସିଜି ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଡ. ସୁଧୀର ମହାପାତ୍ରଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରାଯାଇ ଟ୍ୟୁମର ବାହାର କରାଯାଇଛି।

ଦିଗପହଣ୍ଡି ମହାବିଦ୍ୟାଳୟରେ ସ୍ନାତକ ପଢୁଥିବା ମନୀଷାଙ୍କ ଗୋଡ଼ରେ ଯନ୍ତ୍ରଣା ହେଉଥିଲା। ଚାଲିଲା ବେଳେ ସେ ପଡ଼ିଯାଉଥିଲେ। ଦିନକୁ ଦିନ ସମସ୍ୟା ବଢ଼ିବାରୁ ପରିବାର ଲୋକେ ୮ମାସ ତଳେ ତାଙ୍କୁ ବ୍ରହ୍ମପୁରର ଘରୋଇ ଡାକ୍ତରଖାନାକୁ ନେଇଥିଲେ। ଡାକ୍ତରଙ୍କ ପରାମର୍ଶକ୍ରମେ ଅସ୍ତ୍ରୋପଚାର କରାଗଲା। କିଛି ଦିନ ଉପଶମ ମିଳିବାପରେ ପୁଣି ଯନ୍ତ୍ରଣା ଆରମ୍ଭ ହୋଇଥିଲା ବୋଲି ମନୀଷାଙ୍କ ବାପା ମୁନା ଜେନା କହିଛନ୍ତି। ସମ୍ପର୍କୀୟଙ୍କ ପରାମର୍ଶ କ୍ରମେ ସେ ତାଙ୍କ ଝିଅକୁ ନେଇ ଏମ୍‌କେସିଜି ମେଡିକାଲ ଯାଇ ଅସ୍ଥିଶଲ୍ୟ ବିଭାଗ ମୁଖ୍ୟ ଡା. ସୁଧୀର ମହାପାତ୍ରଙ୍କୁ ସମସ୍ୟା ଜଣାଇଥିଲେ। ପରୀକ୍ଷା ନିରୀକ୍ଷା ପରେ ମେରୁଦଣ୍ଡ ହାଡ଼ରେ ଟ୍ୟୁମର ଥିବା ଜଣାପଡିଥିଲା। ଏହାର ଅସ୍ତ୍ରୋପଚାର ପାଇଁ ମନୀଷାଙ୍କୁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅନ୍ୟାନ୍ୟ ଆନୁଷଙ୍ଗିକ କାରଣରୁ ସେଠାରେ ଅସ୍ତ୍ରୋପଚାର ହୋଇ ନ ଥିଲା। ଗତ ମାସରେ ମନୀଷା ପୁଣି ଏମ୍‌କେସିଜି ମେଡିକାଲ ଆସିବା ପରେ କର୍ପେଟୋମି ଅସ୍ତ୍ରୋପଚାର କରାଯାଇଥିଲା। ବର୍ତ୍ତମାନ ସେ ଆଇସିୟୁରେ ଥିବା ବେଳେ ସ୍ୱାସ୍ଥ୍ୟବସ୍ଥା ସ୍ଥିର ଥିବା ମେଡିକାଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହି ଜଟିଳ ଅସ୍ତ୍ରୋପଚାର ବିଭାଗୀୟ ମୁଖ୍ୟ ମହାପାତ୍ରଙ୍କ ସମେତ ସିଟିଭିଏସ୍ ବିଭାଗ ମୁଖ୍ୟ ଡ ସାରଦା ପ୍ରସନ୍ନ ସାହୁ, ନିଶ୍ଚେତକ ବିଭାଗର ଡା. ବିଷ୍ଣୁ ମହାପାତ୍ରଙ୍କ ସହଯୋଗରେ ହୋଇଛି। ସୂଚନାଯୋଗ୍ୟ, ଏହା ପୂର୍ବରୁ ଗତ ୧୫ ତାରିଖରେ ଏମ୍‌କେସିଜି ମେଡିକାଲରେ ଅସ୍ତ୍ରୋପଚାର କରି ଜଣେ ବ୍ୟକ୍ତିଙ୍କ ବ୍ରେନ୍‌ରୁ ଟ୍ୟୁମର ବାହାର କରାଯାଇଥିଲା।

## ଗଞ୍ଜେଇ ଚାଲାଣ ବେଳେ ଧରାପଡିଲା, ୭ ଗିରଫ

ବାଲିଗୁଡା,୨୨।୧(ସଞ୍ଜୟ କୁମାର ପାଣିଗ୍ରାହୀ)

ନିଶା କାରବାର ରୋକିବାକୁ କନ୍ଧମାଳ ପୋଲିସ ପକ୍ଷରୁ ଆରମ୍ଭ ହୋଇଛି ସ୍ପେଶାଲ୍ ଡ୍ରାଇଭ୍। ବାଲିଗୁଡ଼ା ଉପଖଣ୍ଡର ବିଭିନ୍ନ ଥାନା ଅଞ୍ଚଳରେ ନାକା ଲଗାଇ ଗାଡ଼ି ମୋଟର ଯାଞ୍ଚ କଡ଼ାକଡ଼ି କରାଯାଉଛି। ପୋଲିସ ପୃଥକ ପୃଥକ ତିନୋଟି ଥାନା ଅଞ୍ଚଳରେ ଚଢ଼ାଉ କରି ପ୍ରାୟ ୧୫ ଲକ୍ଷ ଟଙ୍କାର ବେଆଇନ୍ ଗଞ୍ଜେଇ ଜବତ କରିଛି। ବାଲିଗୁଡ଼ା, କ.ନୁଆଗାଁ ଓ ଦାରିଙ୍ଗବାଡ଼ି ଥାନା ଅଞ୍ଚଳରୁ ଗୋଟିଏ ଦିନରେ ୨୬୦ କେଜି ଗଞ୍ଜେଇ ଜବତ ହୋଇଛି। ଏଥିରେ ସମ୍ପୃକ୍ତ ୭ ଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ସମସ୍ତଙ୍କ ଘର ମଧ୍ୟପ୍ରଦେଶ ଅଞ୍ଚଳରେ ବୋଲି ଜଣାପଡ଼ିଛି। ବାଲିଗୁଡ଼ା ଅଞ୍ଚଳରୁ ମଧ୍ୟପ୍ରଦେଶକୁ ଗଞ୍ଜେଇ ଚୋରା ଚାଲାଣ କରୁଥିବା ବେଳେ ଏମାନେ ଧରାପଡ଼ିଛନ୍ତି। ସେମାନଙ୍କଠାରୁ ଗଞ୍ଜେଇ ସହ ଗୋଟିଏ ଅଟୋ, ଗୋଟିଏ ବାଇକ୍ ଓ ଗୋଟିଏ କାର୍ ଜବତ ହୋଇଥିବା ବାଲିଗୁଡା ଏସ୍‌ଡିପିଓ ସୁଭମ୍ ଭୋଷଲେ କହିଛନ୍ତି।

## ବାଇକ୍ ଧକ୍କାରେ ଜଣେ ମୃତ

ଧରାକୋଟ,୨୨।୧(ବିଷ୍ଣୁ କେଶରୀ ଆଚାର୍ଯ୍ୟ): ଧରାକୋଟ ଥାନା ଅନ୍ତର୍ଗତ ସରଧାପୁର ନିକଟ ୫୯ନଂ. ଜାତୀୟ ରାଜପଥରେ ଗୁରୁବାର ସନ୍ଧ୍ୟାରେ ବାଇକ ଧକ୍କାରେ ଜଣେ ସାଇକେଲ ଚାଳକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଲକ୍ଷ୍ମୀପୁର ଗ୍ରାମର ବଂଶୀ ଦାସ (୫୭)। ବାଇକ ଆରୋହୀ ଢଉଗାଁର ଟୁକୁନା ନାଇକ ଗୁରୁତର ହୋଇ ଧରାକୋଟ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଦୁର୍ଘଟଣାଗ୍ରସ୍ତ ବାଇକ ଓ ସାଇକେଲକୁ ପୋଲିସ ଜବତ କରିବା ସହ ତଦନ୍ତ ଜାରି ରଖିଛି ।

# ଉତ୍କଳ ଆଶ୍ରମ ଆମ ଜାତୀୟତାର ଐତିହାସିକ ସ୍ମୃତିପୀଠ

ବ୍ରହ୍ମପୁର, ୨୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ଓଡ଼ିଆ ଜାତୀୟତାର ଐତିହାସିକ ସ୍ମୃତିପୀଠ ଉତ୍କଳ ଆଶ୍ରମ ଶତବର୍ଷିକୀ ସମାରୋହ ଉଦଯାପିତ ହୋଇଛି। ଉତ୍କଳ ଆଶ୍ରମ ଜାତୀୟ ଭବନ ନିର୍ମାଣରେ ଯେଉଁ ବିଶିଷ୍ଟ ବ୍ୟକ୍ତି ଓ ବରପୁତ୍ରମାନଙ୍କ ବିଶେଷ ଅବଦାନ ରହିଥିଲା, ସେମାନଙ୍କ ପ୍ରତିକୃତିରେ ମାଲ୍ୟାର୍ପଣ କରାଯାଇଥିଲା। ଉତ୍କଳ ଆଶ୍ରମ ନ୍ୟାସର ବରିଷ୍ଠ ସଦସ୍ୟ କୃଷ୍ଣ ଚରଣ ସିଂହ କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ । ନ୍ୟାସର ସଂପାଦକ ଡ.ସିଦ୍ଧାର୍ଥ ଶଙ୍କର ପାଢ଼ୀ ପ୍ରାକ-ସୂଚନା ଦେଇଥିଲେ । ବିଶିଷ୍ଟ ଶିକ୍ଷାବିତ ପ୍ରଫେସର୍ ବିଷ୍ଣୁଚରଣ ଚୌଧୁରୀ ମୁଖ୍ୟଅତିଥି ଓ ଯଶସ୍ୱୀ ଇତିହାସ ଗବେଷକ ଡ.ଅନନ୍ତରାମ କର କୌଣ୍ଡିନ୍ୟ ମୁଖ୍ୟବକ୍ତା ରୂପେ ଯୋଗଦେଇ ଉତ୍କଳ ଆଶ୍ରମ ନିର୍ମାଣର ଇତିହାସ, ହିତବାଦିନୀ ସଭା ଓ ଗଞ୍ଜାମ ଜାତୀୟ ସମିତିର ଭୂମିକା, ଉତ୍କଳ ସମ୍ମିଳନୀର ସର୍ବାଧିକ ଅଧିବେଶନ ଆୟୋଜନ, ତତ୍କାଳୀନ ଓଡ଼ିଶାର ବିଶିଷ୍ଟ ବରପୁତ୍ରଙ୍କ ଅବଦାନ ବିଷୟରେ କହିଥିଲେ । ସମ୍ମାନିତ ଅତିଥି ରୂପେ ବିଶିଷ୍ଟ ନାଟ୍ୟକାର ମେଜର୍ ରମାରମଣ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।

ପାଢ଼ୀ, ସଂସ୍କୃତି ଗବେଷକ ଡ. ଲମ୍ବୋଦର ପାଣିଗ୍ରାହୀ, ଓଡ଼ିଆ ଭାଷା ଆନ୍ଦୋଳନର ଆବାହକ ପବିତ୍ର ମହାରଥା, ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ଲଳିତ ମୋହନ ଦେଓ, ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲ୍ଲା ଶାଖା ସଭାପତି ଡ. ସୁବ୍ରତ କୁମାର ସାହୁ, ବଡ଼ଖେମୁଣ୍ଡି ରାଜ ପରିବାରର ସଦସ୍ୟ ସିଦ୍ଧାନ୍ତ କୁମାର ଗଙ୍ଗଦେଓ ପ୍ରମୁଖ ଉତ୍କଳ ଆଶ୍ରମ ପ୍ରତିଷ୍ଠାର ସ୍ମୃତିଚାରଣ କରିଥିଲେ। ଡ. କୁଳମଣି ଓଝାଙ୍କ ସଂଯୋଜନାରେ ସଂଚାଳିତ ଉଦ-ଯାପନୀ ମହୋତ୍ସବରେ ଡ. ବନମାଳୀ ପାଣିଗ୍ରାହୀ ଅତିଥି ପରିଚୟ ଓ ଡ. କୃଷ୍ଣପ୍ରସାଦ ମହାପାତ୍ର ଧନ୍ୟବାଦ ଦେଇଥିଲେ। 'ଉତ୍କଳ ଆଶ୍ରମ ଶତବର୍ଷିକୀ ସ୍ମୃତିଗ୍ରନ୍ଥ' ଓ କଳିଙ୍ଗ ସାହିତ୍ୟ ସମାଜର ମୁଖପତ୍ର 'କଳିଙ୍ଗର ସୱର' ଲୋକାର୍ପିତ ହୋଇଥିଲା । ଏହି ଅବସରରେ ଚିତ୍ରଶିଳ୍ପୀ କେଦାର ଆପ୍ତା, ନାଟ୍ୟ ନିର୍ଦ୍ଦେଶକ ରାଜୁ ପାଢ଼ୀ, ଭାରତଲୀଳା ଗୁରୁ ସନ୍ତୋଷ ପାଢ଼ୀ, ଡ. ସୁବ୍ରତ କୁମାର ସାହୁ, ଡା. ସାଗର ରଞ୍ଜନ ତ୍ରିପାଠୀ, ଲୋକନୃତ୍ୟ ଗୁରୁ ଆଲୋକ ବିଷୋୟୀ, ସମାଜସେବୀ ବାଳକୃଷ୍ଣ ସାମନ୍ତରାୟ, ଯୁବ ସମାଜସେବୀ ତୁତୁନ ପାତ୍ରଙ୍କ ସମେତ ୧୫ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅପରାହ୍ନରେ ଆୟୋଜିତ ଜାତୀୟତାବାଦୀ କବିତା ଆବୃତ୍ତି ଆସରରେ ସ୍ୱର୍ଣ୍ଣପ୍ରଭା ପାଢ଼ୀ ପୌରୋହିତ୍ୟ କରିଥିଲେ ।

## ମହିଳା ମହାବିଦ୍ୟାଳୟରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ

ଆସିକା,୨୨।୧(ସୁରେନ୍ଦ୍ର ନାଥ ସାହୁ):

ଆସିକାସ୍ଥିତ ନିରଞ୍ଜନ ସରକାରୀ ମହିଳା କଲେଜରେ ଶକ୍ତିଶ୍ରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସରୋଜ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଅଧ୍ୟାପିକା ଡ. ସୁପ୍ରିୟା ଦାଶ ସଂଯୋଜନା କରିଥିଲେ । ଆସିକା ସମନ୍ୱିତ ମହିଳା ଓ ଶିଶୁ ବିକାଶ ପ୍ରକଳ୍ପର ପରିଦର୍ଶିକା ଦିପ୍ତୀ ଧୋବା ଓ ସଂଯୁକ୍ତ ସ୍ୱାଇଁ ଯୋଗ ଦେଇ ଛାତ୍ରୀମାନେ କିଭଳି ନିଜ ଜୀବନକୁ ସୁରକ୍ଷିତ ଓ ସୁନ୍ଦର ଭାବେ ଗଢି ତୋଳିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବାଲ୍ୟ ବିବାହ, ଯୌନଗତ ହିଂସା, ଘରୋଇ ହିଂସା, ପକ୍ଷପାତିତା ଏବଂ ଭୟ ବାତାବରଣର ସାମନା କଲେ ତୁରନ୍ତ ନିକଟରେ ଥିବା ବିଭିନ୍ନ ଅଧିକାରୀଙ୍କ ସହାୟତା ନେବାକୁ ପରାମର୍ଶ ଦିଆଯାଇଥିଲା । ମହିଳାମାନଙ୍କ ସୁରକ୍ଷା ଓ ନିରାପତ୍ତା ନିମନ୍ତେ ଟୋଲ ଫ୍ରି ନମ୍ବର ମଧ୍ୟ ଦିଆଯାଇଥିଲା । ଅଧ୍ୟାପକ ଗଣେଶ୍ୱର ମାଝି, ଓମ ନାରାୟଣ ରାଓ, ଡ. ଲିନା ଲିନିଅନ, ଡ. ଉର୍ମିଳା ମୁଦୁଲି, ଶକ୍ତିଶ୍ରୀ ଶାଥୀ, ପୂଜା ବାଡତ୍ୟା, ତୁଳସୀ ନାୟକ, ରୁଚି ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ୪ ଦିନ ପରେ ଗୋପାଳପୁର ବେଳାଭୂମି ମହୋତ୍ସବ

- ■ କ୍ରୀଡ଼ା ଓ ଉତ୍ତମ ସ୍ୱାସ୍ଥ୍ୟ ଉପରେ ପ୍ରଶାସନର ଗୁରୁତ୍ୱ
- ■ ବଡ଼ ଧରଣର କ୍ରୀଡ଼ା ପ୍ରତିଯୋଗିତା
- ■ ଭାଗ ନେବେ ୪୧୨ ପ୍ରତିଯୋଗୀ

ବ୍ରହ୍ମପୁର,୨୨।୧(ଅଶୋକ କୁମାର ସାହୁ)

ଆସନ୍ତା ୨୭ ତାରିଖରୁ ୪ ଦିନ ଧରି ଗୋପାଳପୁର ବେଳାଭୂମି ମହୋତ୍ସବ ଅନୁଷ୍ଠିତ ହେବ। ଆଉ ୪ଦିନ ବାକି ଥିବାବେଳେ ପ୍ରଶାସନ ପକ୍ଷରୁ ଜୋରଦାର ପ୍ରସ୍ତୁତି ଚାଲିଛି। ମହୋତ୍ସବରେ ଚଳିତବର୍ଷ ଭିନ୍ନତା ଦେଖିବାକୁ ମିଳିବ। କ୍ରୀଡା ଓ ଉତ୍ତମ ସ୍ୱାସ୍ଥ୍ୟ ଉପରେ ମହୋତ୍ସବ ପର୍ଯ୍ୟବସିତ ହେବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

ଗୋପାଳପୁରକୁ ଦେଶର ବେଳାଭୂମି କ୍ରୀଡା କେନ୍ଦ୍ର ରୂପେ ପରିଗଣିତ କରିବା ପାଇଁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି। ପ୍ରଥମଥର ପାଇଁ ଏତେ ବଡ଼ ଧରଣର ସଂଗଠିତ ବେଳାଭୂମି କ୍ରୀଡା ପ୍ରତିଯୋଗିତା ହେଉଥିବାରୁ ଯୁବପିଢ଼ିଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଛି। ପ୍ରାୟ ୪୧୨ ପ୍ରତିଯୋଗୀ/ଦଳ ଗୁରୁବାର ସୁଦ୍ଧା କ୍ରୀଡାରେ ଭାଗନେବା ପାଇଁ ପଂଜିକୃତ ହୋଇଛନ୍ତି। ଆଉ ୨ଦିନ ପରେ ମାରାଥନରୁ ଆରମ୍ଭ ହେବ କ୍ରୀଡା ମହାକୁମ୍ଭ। ପୁରୁଷ ଓ ମହିଳା ବିଭାଗରେ ଶୀର୍ଷ ସ୍ଥାନ ଅଧିକାର କରିଥିବା ତିନିଜଣଙ୍କୁ ମୋଟ ୫୦,୦୦୦ ଟଙ୍କାର ନଗଦ ପୁରସ୍କାର ମିଳିବ। ଏହି ଆୟୋଜନ ଦ୍ୱାରା କ୍ରୀଡା ବିକାଶରେ ଗଞ୍ଜାମ ଏକ ମାଇଲଖୁଣ୍ଟ ହେବ ବୋଲି କୁହାଯାଉଛି। ଏହି ପ୍ରତିଯୋଗିତା ମହିଳା ଓ ପୁରୁଷ ବିଭାଗ ପାଇଁ ସମାନ ସୁଯୋଗ ସୃଷ୍ଟି କରିବ। କ୍ରୀଡା ତାଲିକାରେ ବେଳାଭୂମି ଫୁଟବଲ, ଭଲିବଲ, ହ୍ୟାଣ୍ଡବଲ, କବାଡି, କାରାଟେ, ୮ ଜଣିଆ ଦଳର ଟଗ ଅଫ ୱାର୍, ଏବଂ ଯୋଗ ପ୍ରତିଯୋଗିତା ସାମିଲ ରହିଛି। ଏହା ସହିତ ମନୋରଞ୍ଜନାତ୍ମକ ବେଳାଭୂମି କ୍ରୀଡା କରାଯିବ। ବେଳାଭୂମି କ୍ରୀଡା ପ୍ରତିଯୋଗିତାକୁ ଆକର୍ଷଣୀୟ ଓ ଜନାଦୃତ କରିବା ପାଇଁ ଏ ବର୍ଷ ପାଖାପାଖି ୨ ଲକ୍ଷ ଟଙ୍କାର ନଗଦ ପୁରସ୍କାର ରାଶି ଜିଲ୍ଲାର କ୍ରୀଡ଼ାବିତ ମାନଙ୍କୁ ପ୍ରଦାନ କରାଯିବ । ପୁରସ୍କାର ସହିତ ସମସ୍ତ ପଂଜିକୃତ କ୍ରୀଡାବିତଙ୍କ ପାଇଁ ଟି-ଶାର୍ଟ, ଖାଦ୍ୟ-ପାନୀୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ । ପ୍ରତିଯୋଗିତାରେ ୧୮ରୁ ୩୦ ବର୍ଷ ବୟସ ମଧ୍ୟର କେବଳ ଜିଲାର ବାଳିକାବାଳକ ଯୋଗଦେଇପାରିବେ। ଆସନ୍ତା ୨୫ ତାରିଖରୁ ୧୦ କି.ମି. ମାରାଥନ ହେବ। ଏଥିରେ ସମସ୍ତେ ଭାଗ ନେଇପାରିବେ। ପର୍ଯ୍ୟଟକଙ୍କୁ ମଧ୍ୟ ଏହି ପ୍ରତିଯୋଗିତା ଆକୃଷ୍ଟ କରିବ ବୋଲି ଆଶା ରହିଛି। ଏଥି ସହିତ ଗୋପାଳପୁର ଦେଶ ବିଦେଶରେ ପରିଚିତ ହୋଇପାରିବ। ଫୁଟବଲ୍‌ରେ ୯୧ ଦଳ, କବାଡିରେ ୧୧୧ , ହ୍ୟାଣ୍ଡବଲରେ ୪୭, ଭଲିବଲରେ ୪୩ ଓ ମନୋରଞ୍ଜନାତ୍ମକ ଖେଳରେ ୪୮ ଜଣ, ଟାଗ ଅଫ୍ ୱାରରେ ୪୨, ଯୋଗରେ ୩୪ ଓ କରାଟେରେ ୬ ଜଣ ପଞ୍ଜୀକରଣ କରିଥିବା ଜଣାପଡିଛି।

